ODIA DAILY EDITION
29.11.2025
କଟକ, ଶନିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.୦୦
ନଭେମ୍ବର-୨୯, ୨୦୨୫
ବର୍ଷ-୩୭, ସଂଖ୍ୟା-୧୪୧
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର

MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews


# ୧୭ ହଜାର କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପିତ



**ଭୁବନେଶ୍ୱର, ୨୮।୧୧:** ବିଧାନସଭାରେ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆଗତ ହୋଇଛି । ଗୃହରେ ଅତିରିକ୍ତ ବଜେଟ୍ ଆଗତ ପରେ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହ ମୁଲତବି ରଖିଛନ୍ତି ବାଚସ୍ପତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୫- ୨୬ ଆର୍ଥିକ ବର୍ଷ ପାଇଁ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି । ଏହା ମଧ୍ୟରେ ପ୍ରଶାସନିକ ବ୍ୟୟ ବାବଦକୁ ୩,୩୮୯କୋଟି ଟଙ୍କା ରହିଛି । ସେହିପରି କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୩,୭୧୬, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଏବଂ ରାଜ୍ୟ ବଜେଟ୍‌ରୁ ସ୍ଥାନାନ୍ତର ବାବଦକୁ ୧୬୪ କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି ।

ପ୍ରଶାସନିକ ବ୍ୟୟ ଏବଂ ସ୍ଥାନୀୟ ସଂସ୍ଥାକୁ ସ୍ଥାନାନ୍ତର ଅନ୍ତର୍ଗତ ଆବଣ୍ଟନ ବାବଦକୁ ଅର୍ଥ ସମନ୍ୱୟ ଏବଂ ଅର୍ଥ ସମର୍ପଣ କରିଆରେ ବ୍ୟବସ୍ଥା କରାଯିବ । ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଅଧୀନରେ ଆବଣ୍ଟନ ବାବଦକୁ ଜାତୀୟ ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠିରେ ଉପଲବ୍ଧ ରାଶି ଦ୍ୱାରା ଭରଣା କରାଯିବ । ଅତିରିକ୍ତ ବଜେଟ୍ ରେ ୧୭,୪୪୦ କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟ ବରାଦ ମଧ୍ୟରୁ, ୧୨୩୨ କୋଟି ଟଙ୍କା ସହବନ୍ଧିତ ସମ୍ବଳ ମାଧ୍ୟମରେ ପୂରଣ କରାଯିବ ଓ ଅବଶିଷ୍ଟ ଅର୍ଥରାଶି ବର୍ଷ ଶେଷରେ ପାଣ୍ଠି ସମର୍ପଣ ମାଧ୍ୟମରେ ପୂରଣ କରାଯିବ ।

ପ୍ରଶାସନିକ ବ୍ୟୟ ପାଇଁ ମୋଟ ୩୩୮୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଏଥିମଧ୍ୟରୁ ୧୪୦୬ କୋଟି ଟଙ୍କା ସୁଧ ଦେୟ ଏବଂ ୧୩୩ କୋଟି ଟଙ୍କା ଓଡିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମ ଭରଣା ପାଇଁ ଉଦ୍ଦିଷ୍ଟ । ସରକାରୀ ଆବାସିକ କୋଠା ଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୦୫ କୋଟି ଟଙ୍କା ଏବଂ ଅଣ- ଆବାସିକ କୋଠା ଗୁଡିକର ରକ୍ଷଣାବେକ୍ଷଣ ପାଇଁ ୩୦୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ୧୧୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅଗ୍ନିଶମ ସେବାର ଆଧୁନିକୀକରଣ ଏବଂ ସମ୍ପ୍ରସାରଣ ପାଇଁ ୨୦୨୫-୨୬ ଅତିରିକ୍ତ ବଜେଟରେ ଜାତୀୟ ବିପର୍ଯ୍ୟୟ ବିପଦ ପ୍ରଶମନ ପାଣ୍ଠି ଅଧୀନରେ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣକୁ ଫୋକସ୍

- ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ୧୧୬୪ କୋଟି
- ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଇଁ ୫୩୧ କୋଟି
- ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ପାଇଁ ୪୩୨୯ କୋଟି
- ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ପାଇଁ ୬୧୬ କୋଟି
- କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧୬୭୩ କୋଟି
- ସହରୀ ବିକାଶ ପାଇଁ ୩୦୩ ଓ ଶିକ୍ଷା କ୍ଷେତ୍ର ପାଇଁ ୨୩୨୭ କୋଟି
- ମହିଳା ଓ ଶିଶୁ ବିକାଶ ପାଇଁ ୧୫୫୮ କୋଟି
- ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ୧୧୭ କୋଟି
- ଭିତ୍ତିଭୂମି ବିକାଶ ପାଇଁ ୧୯୫୫ କୋଟି
- ଶିଳ୍ପ ଏବଂ ଏମଏସଏମଇ ବିକାଶ ପାଇଁ ୩୩୭ କୋଟି
- ଆଭ୍ୟନ୍ତରୀଣ ସୁରକ୍ଷା ଓ ଆଇନ ପାଇଁ ୩୧୬ କୋଟି

୨୦୨୫-୨୬ରେ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ପଂଚାୟତିରାଜ ସଂସ୍ଥାଗୁଡ଼ିକୁ ୧୬୪ କୋଟି ଟଙ୍କା ହସ୍ତାନ୍ତର ପାଇଁ ପ୍ରସ୍ତାବ ରହିଛି । ସାଧାରଣ ବଂଟନ ବ୍ୟବସ୍ଥା ଅଧୀନରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ପାଇଁ ୩୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସାଧାରଣ ବଂଟନ ବ୍ୟବସ୍ଥାରେ ରିହାତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । କୁକୁଡ଼ା ପାଳନ ବିକାଶ ପାଇଁ ୧୩୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

ବ୍ୟୟବରାଦ କରାଯାଇଛି । ଚାଷୀଙ୍କୁ ଋଣ ସୁଧ ଛାଡ଼ ପାଇଁ ସମବାୟ ବ୍ୟାଙ୍କ/ପ୍ୟାକ୍ସ ପାଇଁ ୩୦୦ କୋଟି ଟଙ୍କା ଏବଂ ସମବାୟ ସଂସ୍ଥାଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୯୬ କୋଟି ଟଙ୍କାର ବ୍ୟୟବରାଦ ।

ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ପ୍ରଦାନ କରାଯାଇଛି । କଟକ ମେଡିକାଲ କଲେଜରେ ନୂଆ ସ୍ନାତକୋତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଉନ୍ନତିକରଣ ନିମନ୍ତେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସୁଭଦ୍ରା ଯୋଜନା ପାଇଁ ୨୯୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ଅଙ୍ଗନବାଡୀ କେନ୍ଦ୍ରର କୋଠା ସମ୍ପୂର୍ଣ୍ଣ କରିବା ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ମିଶନ ଶକ୍ତି କାର୍ଯ୍ୟକ୍ରମ ପାଇଁ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ପିଏମ୍ ପୋଷଣ କାର୍ଯ୍ୟକ୍ରମ ପାଇଁ ୩୧୨ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ୩୨୦କୋଟି ବ୍ୟବସ୍ଥା କରାଯାଇଛି ।

## ଦିଲ୍ଲୀ ଫେରିଲେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୮।୧୧:** ଓଡ଼ିଶା ଗସ୍ତ ସାରି ଫେରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ବିଦାୟ ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମ୍ମାନନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଆଜି ଭୁବନେଶ୍ୱର ବିମାନବନ୍ଦରରେ; ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ବରିଷ୍ଠ ମନ୍ତ୍ରୀମାନଙ୍କ ସହିତ ବିଦାୟ ଜଣାଇଲି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ବିଧାନସଭାର ୭୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କର ଐତିହାସିକ ସମ୍ବୋଧନ ଆମ ରାଜ୍ୟର ଗଣତାନ୍ତ୍ରିକ ଯାତ୍ରା ପାଇଁ ଏକ ଅବିସ୍ମରଣୀୟ ମୁହୂର୍ତ୍ତ ଥିଲା ।

## ୨ ଅଣପ୍ରଶାସନିକ ଅଧିକାରୀଙ୍କୁ ଆଇଏଏସ ନିଯୁକ୍ତି

**ଭୁବନେଶ୍ୱର, ୨୮।୧୧:** ଓଡ଼ିଶାର ଦୁଇ ଅଣପ୍ରଶାସନିକ ଅଧିକାରୀଙ୍କୁ ଆଇଏଏସ ନିଯୁକ୍ତି ମିଳିଥିବା ସୂଚନା ମିଳିଛି । ଦୁଇଜଣ ଅଧିକାରୀ ହେଉଛନ୍ତି ଓଡ଼ିଶା ଇଞ୍ଜିନିୟରିଂ ସେବାର ସୁନ୍ଦର ମାଧବ ପାଢୀ ଏବଂ ଓଡ଼ିଶା ଅର୍ଥ ସେବାର ସ୍ମିତା ପାଣି । ଉଭୟଙ୍କୁ ଆଇଏଏସ ନିଯୁକ୍ତି ମିଳିଛି । ଉଭୟଙ୍କ ଆଇଏଏସ ନିଯୁକ୍ତି ନେଇ କେନ୍ଦ୍ର କର୍ମୀକ ମନ୍ତ୍ରାଳୟର ବିଜ୍ଞପ୍ତି ଜାରି କରି ଜଣାଇଛି ।

## ଟ୍ରକ୍-ସ୍କୁଟି ଧକ୍କା: ୩ ମୃତ

**ଢେଙ୍କାନାଳ, ୨୮।୧୧:** ଟ୍ରକ୍ - ସ୍କୁଟି ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି । ୫୫ ନଂ ଜାତୀୟ ରାଜପଥର ଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ତିନି ଜଣ ଯୁବକଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ତିନି ଜଣ ଯୁବକ ଏକ ସ୍କୁଟିରେ ଯାଉଥିବା ବେଳେ ଗୋବିନ୍ଦପୁର ନିକଟରେ ଏକ ଟ୍ରକ୍ ସହିତ ପିଟି ହୋଇଥିଲେ । ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ମାନଙ୍କ ପରିଚୟ ମିଳିପାରିନାହିଁ ।

| | |
|---|---|
| ସେନ୍‌ସେକ୍ସ | ୮୫,୭୨୦ |
| ନିଫ୍ଟି | ୨୬,୨୧୫ |
| ସୁନା/୧୦ଗ୍ରା | ୧,୨୯,୩୫୫ |
| ରୂପା/କିଗ୍ରା | ୧,୬୧,୦୦୦ |
| ଡଲାର | ୮୯.୩୭ |

## ପାଣିପାଗ

| | ସର୍ବାଧିକ | ସର୍ବନିମ୍ନ |
|---|---|---|
| ଭୁବନେଶ୍ୱର | ୨୮.୨° | ୧୩.୫° |
| କଟକ | ୨୮.୦° | ୧୩.୪° |

## ମଣ୍ଡି ସମସ୍ୟାକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର, ୨୮।୧୧:** ନଭେମ୍ବର ୨୮ ତାରିଖ ହୋଇ ଯାଇଥିବା ସତ୍ତ୍ୱେ ବର୍ତମାନ ଯାଏ ଚାଷୀ ମାନଙ୍କ ଠାରୁ ଧାନ କିଣା ଆରମ୍ଭ ହୋଇ ନାହିଁ । ଏପରି କରିବା ଦ୍ୱାରା ସରକାର ଚାଷୀ ମାନଙ୍କର ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି । ବିରୋଧୀ ଦଳର ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ ନ କରାଯିବାକୁ ନେଇ ଗୃହରେ ଉଦବେଗ ପ୍ରକାଶ କରି ଏହା କହିଛନ୍ତି ।

ସେ କହିଛନ୍ତି ଯେ, ୨୫ ତାରିଖରୁ ଧାନ କିଣା ଆରମ୍ଭ ହୋଇଥିବା କଥା ସରକାର କହୁଥିଲେ ବି ଏଯାଏ ଗୋଟେ ବସ୍ତା ଧାନ ବି ଉଠି ପାରିନି । ମିଲରଙ୍କୁ ମାର୍କେଟ ଯାଡ ଆଲର୍ଟ ହୋଇନି । ଷ୍ଟୋରେଜ ପାଇଁ ଜା ନାହିଁ,ଚାଷୀ ପଞ୍ଜିକରଣ କରି ପାରୁନାହାନ୍ତି । ତୁରନ୍ତ ଯୋଗାଣ ମନ୍ତ୍ରୀ



ଓ ସମବାୟ ମନ୍ତ୍ରୀ ସ୍ଥିତି ଯାଞ୍ଚ କରନ୍ତୁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସେ କହୁଥିବା ଗୋଟିଏ କଥା ଯଦି ଭୁଲ ହୋଇଥିବ ତେବେ ସେ ସବୁ ପ୍ରକାର ଦଣ୍ଡ ପାଇବାକୁ ପ୍ରସ୍ତୁତ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହି ପ୍ରସଙ୍ଗ ରାଜନୀତିରୁ ଉର୍ଦ୍ଧରେ । ରାଜ୍ୟର ଚାଷୀ ମାନଙ୍କର ପେଟପାଟଣା ଓ ରାଜ୍ୟର ଅର୍ଥନୀତି ସହ ଜଡିତ ପ୍ରସଙ୍ଗ । ଏହି ପ୍ରସଙ୍ଗରେ ସାରା ରାଜ୍ୟରେ ନିଆଁ ଲାଗିଯିବ । ବିପଦ ଜନକ ନିଆଁ ସହିତ ଖେଳାନ୍ତୁନି । ଚାଷୀ ହେଉଛନ୍ତି ରାଜ୍ୟର ମେରୁଦଣ୍ଡ । ଚାଷୀଙ୍କ ସହିତ ଖେଳିଲେ ସରକାର ଚାଲିଯିବ ବୋଲି ସେ କହିଛନ୍ତି ।

## ଡିସେମ୍ବର ୪ରେ ଭାରତ ଆସିବେ ପୁଟିନ

**ନୂଆଦିଲ୍ଲୀ, ୨୮।୧୧:** ଭାରତ ଆସିବେ ରୁଷ ରାଷ୍ଟ୍ରପତି । ରୁଷ-ୟୁକ୍ରେନ ଯୁଦ୍ଧ ଓ ଆମେରିକା ସହ ଟାରିଫ ବିବାଦ ଭିତରେ ପୁଟିନଙ୍କ ଭାରତଗସ୍ତ ବିଭିନ୍ନ ଦିଗରୁ ଗୁରୁତ୍ୱବହନ କରୁଛି । ତେବେ ଦୁଇ ଦିନିଆ ଗସ୍ତରେ ଭାରତ ଓ ରୁଷ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସାକ୍ଷର ସମ୍ଭାବନା ରହିଛି । ଗତ ଅକ୍ଟୋବରରେ ଭାରତ ଓ ରୁଷଙ୍କ ରଣନୀତି ସମ୍ପର୍କ ୨୫ବର୍ଷ ପୂରା କରିଛି । ଗୋଟେ ପଟେ ଚାଲିଛି ରୁଷ-ୟୁକ୍ରେନ ଯୁଦ୍ଧ, ସେପଟେ ଆମେରିକା ସହ ଟାରିଫ ବିବାଦ । ଏହା



ଭିତରେ ରୁଷ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ ବିଭିନ୍ନ ଦିଗରୁ ଗୁରୁତ୍ୱବହନ କରୁଛି ।

୨୦୨୧ରେ ଶେଷଥର ପାଇଁ ଭାରତ ଆସିଥିଲେ ପୁଟିନ । ସେହିପରି ଗତବର୍ଷ ମସ୍କୋରେ ଆୟୋଜିତ ଶିଖର ସମ୍ମିଳନରେ ରୁଷ ଯାଇଥିଲେ ମୋଦୀ । ତେବେ ଗତ ସେପ୍ଟେମ୍ବର ମାସରେ ଚୀନରେ ଆୟୋଜିତ ଏସସିଓ ସମ୍ମିଳନୀରେ ମୋଦୀଙ୍କ ସହ ପୁଟିନଙ୍କ ଭେଟଘାଟ ଓ ଦୁଇ ରାଷ୍ଟ୍ରନେତାଙ୍କ ବନ୍ଧୁତା ପୂରା ବିଶ୍ୱ ଦେଖିଥିଲା । ଏପରିକି ମୋଦୀ ଓ ପୁଟିନଙ୍କ ଏକାଠି କାର ଯାତ୍ରାର ଖବର ଓ ଫଟୋ ବେଶ ଚର୍ଚ୍ଚା ସାଉଁଟିଥିଲା

## ବାଲି ଚୋରା ଚାଲାଣକୁ ବିରୋଧ

# ଯୁବକଙ୍କୁ ହାଣିଲେ ମାଫିଆ



**ବାଲେଶ୍ୱର, ୨୮।୧୧:** ବାଲେଶ୍ୱର ଜିଲ୍ଲାରେ ମୋରମ ଓ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଥା କଟାକଟି ହେବା ସହ ଭୁଜାଲି ବୁଲିଛି । ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡ଼ି ଗ୍ରାମରେ ବାଲି ପରିବହନକୁ ବିରୋଧ କରିବାରୁ ବାଲି ମାଫିଆଙ୍କ ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ବେଳେ ୪ ଆହତ ହୋଇଛନ୍ତି । ସୂଚନା ଅନୁସାରେ ଗିଲାଯୋଡ଼ି ଗ୍ରାମ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡି ବାଲି ପରିବହନ ଯୋଗୁଁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି । ଏହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ବିରୋଧ କରି ଆସୁଥିବା ବେଳେ ଗତ ଦୁଇଦିନ ତଳେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବାଦ ବିବାଦ ଲାଗି ପାଞ୍ଚ ଜଣ ଆହତ ହୋଇଥିଲେ ।

**ଗାଁରେ ପୋଲିସ ଛାଉଣୀ**

ତେବେ ଘଟଣାକୁ ନେଇ ଉଭୟ ପକ୍ଷ ସିଂଲା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଆଜି ଦିନ ଗୋଟାଏ ସମୟରେ ଗ୍ରାମର ତାପସ ଜେନା (୨୮) ବଜାରରୁ ଔଷଧ କିଣି ଘରକୁ ଫେରୁଥିବା ବେଳେ ଗ୍ରାମର ପ୍ରଦୀପ ଜେନା, ଜୀବନ ଜେନା, ଦିଲ୍ଲୀପ ଜେନା, କେଶବ ଜେନା, ସଂଜୀବ ଜେନା, ଅଜୟ ଜେନାଙ୍କ ସମେତ ଗ୍ରାମ ବାହାରୁ ଆସିଥିବା କିଛି ଭଡ଼ାଟିଆ ଗୁଣ୍ଡା ତାପସକୁ ଏକ ଧାରୁଆ ଅସ୍ତ୍ରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ । ଖବର ପାଇ ତାପସଙ୍କ ପକ୍ଷରୁ କିଛି ଲୋକ ସେମାନଙ୍କୁ ଅଟକାଇବାକୁ ଯାଇ ୪ ଜଣ ସୁବାସ ଜେନା(୨୬), ସନ୍ତୋଷ କୁମାର ଜେନା(୫୨) ଚୈତନ୍ୟ ଜେନା(୫୦) ଓ ଲିଲି ଜେନା(୩୫) ଆହତ ହୋଇଥିଲେ ।

## ମନ୍ମଥଙ୍କ ନାଁରେ ମାମଲା



**ଭୁବନେଶ୍ୱର, ୨୮।୧୧:** ବିଜେଡି ନେତା ମନ୍ମଥ ରାଉତରାୟଙ୍କ ପାଇଁ ବଢ଼ିଛି ଅଡୁଆ । ମନ୍ମଥଙ୍କ ବିରୋଧରେ ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଛି । ବିଜେପି ଲିଗାଲ ସେଲ୍ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛି ବିଜେପି ଲିଗାଲ ସେଲ୍ । ମାମଲାରେ ମନ୍ମଥଙ୍କ ବିରୋଧରେ ୫ଟି ଦଫା ଲାଗିଛି ।

## ଭୁବନେଶ୍ୱରରେ ବଡ ଧରଣର ଇଡି ଚଢ଼ଉ

**ଭୁବନେଶ୍ୱର, ୨୮।୧୧:** ରାଜଧାନୀ ଭୁବନେଶ୍ୱରରେ ବଡ ଧରଣର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଚଢାଉ କରାଯାଇଛି । ଆଦର୍ଶ ଚିଟଫଣ୍ଡ ଠକେଇ ଘଟଣାରେ ଛାନଭିନ୍ କରିଛି ଇଡି । ନିକୁଞ୍ଜ ସାମନ୍ତରାୟଙ୍କ ନୟାପଲ୍ଲୀ ସ୍ଥିତ ଘରେ ଚଢାଉ ହୋଇଛି । ପୂର୍ବରୁ ଠକେଇର ମୁଖ୍ୟ ଅଭିଯୁକ୍ତଙ୍କୁ ୪ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି କୋର୍ଟ ।




## ହାଲ୍‌ଚାଲ୍



ସତର ହଜାର କୋଟିର ଅତିରିକ୍ତ ବଜେଟ୍ ଉପସ୍ଥାପନ ହୋଇଲା କୃଷି, ଶିକ୍ଷା, ସାସ୍ଥ୍ୟ ଉପରେ ସରକାରଙ୍କ ଫୋକସ୍ ରହିଲା ବିଭିନ୍ନ ପ୍ରସଙ୍ଗକୁ ନେଇ ଗୃହ ଜୋରରେ କମ୍ପିଲା ।

# ରାଜଧାନୀରେ ପୁଣି ଫୁଟିଲା ବୋମା

- କେନ୍ଦ୍ରୀୟ ବିଦ୍ୟାଳୟ-୩ ନିକଟରେ ବିସ୍ଫୋରଣ
- ଏନଆଇଏର ତଦନ୍ତ ଜାରି



**ଭୁବନେଶ୍ୱର, ୨୮।୧୧:** ରାଜଧାନୀ ଭୁବନେଶ୍ୱରରେ ପୁଣି ଫୁଟିଲା ବୋମା । ଧରିଉଠିଲା ସ୍କୁଲ୍ ? । କେନ୍ଦ୍ରୀୟ ବିଦ୍ୟାଳୟ-ଥ୍ରୀ ନିକଟରେ ବୋମାମାଡ଼ ହୋଇଛି । ଏଥିରେ କେହି ମୃତାହତ ହୋଇନଥିଲେ ମଧ ବୋମାମାଡ଼କୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ପୁଲିସ୍ ଏବଂ ଏନଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି ।

ସମୟ ସକାଳ ପ୍ରାୟ ୮ଟା । ସ୍ଥାନ- ଭୁବନେଶ୍ୱର ଗାଡ଼କଣସ୍ଥିତ କେଭି-୩ ପ୍ରାଥମିକ ବିଦ୍ୟାଳୟ । ସ୍କୁଲ୍ ପାଚେରୀ ପାଖରେ ହଠାତ୍ ହେଲା ବିସ୍ଫୋରଣ । ଚାରିଆଡ଼ ଧୂଆଁମୟ । ଲୋକଙ୍କ ମଧ୍ୟରେ ଧାଁ ଦଉଡ଼ ପରିସ୍ଥିତି । କିଏ କିଛି ବୁଝିବା ଆଗରୁ ସ୍ତବ୍ଧ ହୋଇଗଲା ଚତୁର୍ଦ୍ଦିଗ । ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରୁଛି ମଞ୍ଚେଶ୍ୱର ଥାନା ପୁଲିସ । ଡିସିପି ଏବଂ ପୁଲିସ କମିସନର ମଧ ପହଞ୍ଚି ସରଜମିନ ତଦନ୍ତ କରିଛନ୍ତି । ଆଉ ଏନଆଇଏ ଟିମ୍ ପହଞ୍ଚିବା ପରେ ଏ ଘଟଣାର ଗୁରୁତ୍ୱ ଆହୁରି ବଢ଼ିଯାଇଥିଲା । ସାଇଣ୍ଟିଫିକ୍ ଟିମ୍ ସହ ଫୁଟିଥିବା ବାରୁଦର ସାମ୍ପଲ ସଂଗ୍ରହ କରିଛି ଏନଆଇଏ । ବୋମାରେ କେଉଁ ବାରୁଦ ବ୍ୟବହାର ହୋଇଛି, ୨୪ ଘଣ୍ଟାରେ ତାର ଟିକିନିଖି ତଥ୍ୟ ଦେବ ସାଇଣ୍ଟିଫିକ୍ ଟିମ୍ ।

MBA/25-26/0462

# କର୍ଣ୍ଣାଟକର ଉଡୁପୀସ୍ଥିତ ଶ୍ରୀକୃଷ୍ଣ ମଠରେ ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

## କଳିଯୁଗରେ କେବଳ ଭଗବାନଙ୍କ ନାମ ଜପ ଦ୍ୱାରା ମନୁଷ୍ୟ ଭବ ସାଗରରୁ ପାରି ହୋଇପାରିବ

## ଗୀତାର ବାଣୀ କେବଳ ମନୁଷ୍ୟର ମାର୍ଗଦର୍ଶନ କରିନଥାଏ ବରଂ ରାଷ୍ଟ୍ରର ନୀତିକୁ ଆକାର ଦେଇଥାଏ



**ନୂଆଦିଲ୍ଲୀ (ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କର୍ଣ୍ଣାଟକର ଉଡୁପୀସ୍ଥିତ ଶ୍ରୀକୃଷ୍ଣ ମଠରେ ଲକ୍ଷ କଣ୍ଠ ଗୀତା ପାରାୟଣ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭଗବାନ ଶ୍ରୀକୃଷ୍ଣଙ୍କ ଦିବ୍ୟ ଦର୍ଶନରୁ ମିଳିଥିବା ସନ୍ତୋଷ, ଶ୍ରୀମଦ୍ ଭଗବଦ୍ ଗୀତାର ମନ୍ତ୍ରୋଚାରଣରୁ ମିଳିଥିବା ଆଧ୍ୟାତ୍ମିକ ଅନୁଭୂତି ଏବଂ ଏତେ ସଂଖ୍ୟକ ପୂଜ୍ୟ ସନ୍ଥ ଓ ଗୁରୁମାନଙ୍କର ଉପସ୍ଥିତି ତାଙ୍କ ପାଇଁ ପରମ ସୌଭାଗ୍ୟ। ତାଙ୍କ ପାଇଁ ଏହା ଅଗଣିତ ଆଶୀର୍ବାଦ ପାଇବା ସହିତ ସମାନ ବୋଲି ସେ ଆଲୋକପାତ କରି କହିଥିଲେ।

ତିନି ଦିନ ପୂର୍ବେ ଶ୍ରୀ ମୋଦୀ ଗୀତା ଭୂମି କୁରୁକ୍ଷେତ୍ରରେ ଥିବା କଥା ମନେ ପକାଇ କହିଥିଲେ, ଆଜି ଭଗବାନ ଶ୍ରୀକୃଷ୍ଣଙ୍କ କୃପା ଏବଂ ଜଗଦଗୁରୁ ଶ୍ରୀ ମାଧବାଚାର୍ଯ୍ୟ ଜୀଙ୍କ ସାନ୍ନିଧ୍ୟପ୍ରାପ୍ତ ଏହି ଭୂମିକୁ ଆସିବା ତାଙ୍କ ପାଇଁ ପରମ ସନ୍ତୋଷର ଅବସର। ଏହି ଅବସରରେ, ଏକ ଲକ୍ଷ ଲୋକ ଏକତ୍ର ଭଗବଦ୍ ଗୀତାର ଶ୍ଳୋକ ପାଠ କରିବା ସମୟରେ ବିଶ୍ୱବାସୀ ଭାରତର ହଜାର ହଜାର ବର୍ଷ ପୁରୁଣା ଆଧ୍ୟାତ୍ମିକ ଐତିହ୍ୟର ଜୀବନ୍ତ ଦିବ୍ୟତାକୁ ଦେଖିଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, କର୍ଣ୍ଣାଟକର ମାଟିକୁ ଆସିବା ଏବଂ ଏଠାକାର ସ୍ନେହୀ ଲୋକମାନଙ୍କୁ ଭେଟିବା ତାଙ୍କୁ ସବୁବେଳେ ଅଭିନବ ଅନୁଭୂତି ପ୍ରଦାନ କରିଥାଏ। ଉଡୁପୀର ପବିତ୍ର ଭୂମିକୁ ଆସିବା ସବୁବେଳେ ଅସାଧାରଣ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଯଦିଓ ସେ ଗୁଜୁରାଟରେ ଜନ୍ମ ନେଇଛନ୍ତି, ସବୁବେଳେ ଗୁଜରାଟ ଏବଂ ଉଡୁପୀ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ସେ ଅନୁଭବ କରିଛନ୍ତି । ସେ କହିଥିଲେ, ମାତା ରୁକ୍ମିଣୀ ଏକଦା ଦ୍ୱାରିକାରେ ପୂଜା କରୁଥିବା ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପରବର୍ତ୍ତୀ କାଳରେ ଜଗଦଗୁରୁ ଶ୍ରୀ ମାଧବାଚାର୍ଯ୍ୟଙ୍କ ଦ୍ୱାରା ଉଡୁପୀ ଅଣାଯାଇଥିଲା ଏବଂ ଏଠାରେ ପ୍ରତିଷ୍ଠା କରି ପୂଜା କରାଯାଇଥିଲା ବୋଲି ବିଶ୍ୱାସ କରାଯାଏ। ଗତବର୍ଷ ସମୁଦ୍ର ଗର୍ଭରେ ଥିବା ଶ୍ରୀ ଦ୍ୱାରକା ଜୀଙ୍କ ଦିବ୍ୟ ଦର୍ଶନ କରିବାର ଦିବ୍ୟ ଅନୁଭବ ତାଙ୍କୁ ପ୍ରାପ୍ତ ହୋଇଥିଲା ବୋଲି ସେ ଉଲ୍ଲେଖ କରିଥିଲେ। ବର୍ତ୍ତମାନ ଏହି ମୂର୍ତ୍ତିଙ୍କ ଦର୍ଶନରୁ ତାଙ୍କୁ ମିଳିଥିବା ଦିବ୍ୟ ଅନୁଭୂତି ବିଷୟରେ ଯେକେହି ଅନୁମାନ କରିପାରିବ। ଏହି ଦର୍ଶନ ତାଙ୍କୁ ଗଭୀର ଆଧ୍ୟାତ୍ମିକ ଆନନ୍ଦ ଦେଇଥିବା ପ୍ରଧାନମନ୍ତ୍ରୀ କହିଥିଲେ।

ଆଉ ଗୋଟିଏ କାରଣ ପାଇଁ ଉଡୁପୀ ଆସିବା ତାଙ୍କ ପାଇଁ ସ୍ୱତନ୍ତ୍ର ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ଜନସଂଘ ଏବଂ ଭାରତୀୟ ଜନତା ପାର୍ଟି ପ୍ରଶାସନିକ ମଡେଲର କର୍ମଭୂମି ରୂପରେ ଉଡୁପୀର ପରିଚୟ ରହିଛି। ୧୯୬୮ରେ ଉଡୁପୀର ଲୋକମାନେ ଜନସଂଘର ଭି.ଏସ. ଆଚାର୍ଯ୍ୟଙ୍କୁ ପୌରପରିଷଦକୁ ନିର୍ବାଚିତ କରିଥିଲେ ଏବଂ ଏହା ସହିତ ଉଡୁପୀ ଏକ ନୂତନ ପ୍ରଶାସନିକ ମଡେଲ ପ୍ରତିଷ୍ଠା କରିଥିଲା। ଆଜି ଜାତୀୟ ସ୍ତରରେ ଯେଉଁ ସ୍ୱଚ୍ଛତା ଅଭିଯାନ ଦେଖିବାକୁ ମିଳୁଛି ଉଡୁପୀ ତାହାକୁ ପାଞ୍ଚ ଦଶନ୍ଧି ପୂର୍ବେ ଗ୍ରହଣ କରିଥିଲା। ଜଳ ଯୋଗାଣର ନୂତନ ମଡେଲ ହେଉ କିମ୍ବା ଡ୍ରେନେଜ୍ ବ୍ୟବସ୍ଥା ୧୯୭୦ ମସିହାରେ ଉଡୁପୀ ଏସବୁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ଆଜି ଏସବୁ ଅଭିଯାନ ରାଷ୍ଟ୍ରୀୟ ବିକାଶ ଏବଂ ଜାତୀୟ ପ୍ରାଥମିକତାର ଅଂଶବିଶେଷ ପାଲଟିଛି ଓ ଦେଶକୁ ଆଗେଇ ନେଉଛି ।

ଶ୍ରୀରାମଚରିତମାନସର ବାଣୀକୁ ଉଦ୍ଧୃତ କରି ଶ୍ରୀ ମୋଦୀ କହିଥିଲେ, କଳିଯୁଗରେ କେବଳ ଭଗବାନଙ୍କ ନାମ ଜପ ଦ୍ୱାରା ମଣିଷ ଭବ ସାଗରରୁ ପାରି ହୋଇପାରିବ। ଶହ ଶହ ବର୍ଷ ଧରି ସମାଜରେ ମନ୍ତ୍ରୋଚ୍ଚାରଣ ଏବଂ ଶ୍ରୀମଦ୍ ଭଗବଦ୍ ଗୀତାର ଶ୍ଳୋକ ପାଠ ହୋଇ ଆସୁଛି, କିନ୍ତୁ ଯେତେବେଳେ ଏକ ଲକ୍ଷ ସ୍ୱର ସମବେତ ଭାବେ ଶ୍ଳୋକ ଆବୃତ୍ତି କରିଥା'ନ୍ତି ଏହା ଏକ ଅଭିନବ ଅନୁଭୂତି ପ୍ରଦାନ କରିଥାଏ। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ, ଯେତେବେଳେ ବହୁସଂଖ୍ୟାରେ ଲୋକ ଗୀତା ଭଳି ଏକ ପବିତ୍ର ଗ୍ରନ୍ଥର ଆବୃତ୍ତି କରିଥା'ନ୍ତି, ଯେତେବେଳେ ଏଭଳି ଦୈବିକ ଶବ୍ଦଗୁଡ଼ିକ ଗୋଟିଏ ସ୍ଥାନରେ ଏକାଠି ଗୁଞ୍ଜରିତ ହୁଏ, ସେତେବେଳେ ମନ ଓ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ଶକ୍ତି ଉତ୍ପନ୍ନ ହୋଇଥାଏ ଯାହା ଏକ ନୂତନ କମ୍ପନ ଏବଂ ସାମର୍ଥ୍ୟ ସୃଷ୍ଟି କରିଥାଏ। ଏହା ହେଉଛି ଆଧ୍ୟାତ୍ମିକତା ଏବଂ ସାମାଜିକ ଏକତାର ଶକ୍ତି। ଆଜିର ସମାରୋହରେ ଏକ ଲକ୍ଷ ସ୍ୱର ଗୀତା ଆବୃତ୍ତି କରିବା ଦ୍ୱାରା ଏକ ମହାନ ଊର୍ଜାକୁ ଅନୁଭବ କରିବାର ସୁଯୋଗ ଆଣି ଦେଇଥିଲା। ଏହା ମଧ୍ୟ ସମଗ୍ର ବିଶ୍ୱକୁ ସାମୂହିକ ଚେତନାର ଶକ୍ତି ଦେଖାଇଥିଲା।

ପ୍ରଧାନମନ୍ତ୍ରୀ କହିଥିଲେ, ଆଜିର ଦିନରେ ସେ ବିଶେଷ କରି ପରମ ପୂଜ୍ୟ ଶ୍ରୀ ଶ୍ରୀ ସୁଗୁଣେନ୍ଦ୍ର ତୀର୍ଥ ସ୍ୱାମୀଜୀଙ୍କୁ ପ୍ରଣାମ କରୁଛନ୍ତି, ଯିଏକି ଲକ୍ଷ କଣ୍ଠ ଗୀତାର ବିଚାରକୁ ଦିବ୍ୟ ରୂପେ ପ୍ରକଟ କରିଛନ୍ତି। ସାରା ବିଶ୍ୱର ଲୋକଙ୍କୁ ନିଜ ହାତରେ ଗୀତା ଲେଖିବା ପାଇଁ ପ୍ରେରଣା ଦେଇ ସ୍ୱାମୀଜୀ କୋଟି ଗୀତା ଲେଖନ ଯଜ୍ଞ ଆରମ୍ଭ କରିଛନ୍ତି, ଯାହା ସନାତନ ପରମ୍ପରାର ଏକ ବିଶ୍ୱସ୍ତରୀୟ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଶ୍ରୀ ମୋଦୀ କହିଥିଲେ, ଭଗବଦ୍ ଗୀତାର ଭାବନା ଏବଂ ଶିକ୍ଷା ସହିତ ଭାରତର ଯୁବପିଢ଼ି ଯେଉଁଭଳି ଭାବେ ଯୋଡ଼ି ହେଉଛନ୍ତି, ତାହା ନିଜ ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ। ଭାରତରେ ଶହ ଶହ ବର୍ଷ ଧରି ବେଦ, ଉପନିଷଦ ଏବଂ ଶାସ୍ତ୍ରର ଜ୍ଞାନକୁ ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାର ପରମ୍ପରା ରହିଛି ବୋଲି ସେ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମ ମଧ୍ୟ ଆଗାମୀ ପିଢ଼ିକୁ ଭଗବଦ୍ ଗୀତା ସହିତ ଯୋଡ଼ିବା ପାଇଁ ଏକ ସାର୍ଥକ ପ୍ରୟାସରେ ପରିଣତ ହୋଇଛି ବୋଲି ସେ କହିଥିଲେ।

ଏଠାକୁ ଆସିବାର ତିନି ଦିନ ପୂର୍ବରୁ ସେ ଅଯୋଧ୍ୟା ଗସ୍ତ କରିଥିଲେ ବୋଲି ସୂଚନା ଦେଇ ଶ୍ରୀ ମୋଦୀ କହିଥିଲେ, ୨୫ ନଭେମ୍ବର, ବିବାହ ପଞ୍ଚମୀର ପବିତ୍ର ଦିନରେ ଅଯୋଧ୍ୟାର ଶ୍ରୀ ରାମ ଜନ୍ମଭୂମି ମନ୍ଦିରରେ ଧର୍ମଧ୍ୱଜ ପ୍ରତିଷ୍ଠା କରାଯାଇଥିଲା। ଅଯୋଧ୍ୟାରୁ ଉଡୁପୀ ପର୍ଯ୍ୟନ୍ତ, ଭଗବାନ ରାମଙ୍କ ଅଗଣିତ ଭକ୍ତ ଏହି ସର୍ବୋତ୍ତମ ଦିବ୍ୟ ଏବଂ ମହାନ ଉତ୍ସବର ସାକ୍ଷୀ ହୋଇଛନ୍ତି। ରାମ ମନ୍ଦିର ଆନ୍ଦୋଳନରେ ଉଡୁପୀ କେତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତାହା ସମଗ୍ର ଦେଶ ଜାଣିଛି । କିଛି ଦଶନ୍ଧି ପୂର୍ବରୁ, ପରମ ପୂଜ୍ୟ ସ୍ୱର୍ଗତ ବିଶ୍ୱେଶ ତୀର୍ଥ ସ୍ୱାମୀଜୀ ସମଗ୍ର ଆନ୍ଦୋଳନକୁ ଦିଗଦର୍ଶନ ଦେଇଥିଲେ ବୋଲି ସେ ମନେ ପକାଇଥିଲେ। ଅଯୋଧ୍ୟାର ଧ୍ୱଜାରୋହଣ ସମାରୋହ ସେହି ଅବଦାନର ଫଳ ସ୍ୱରୂପ ଏକ ଉତ୍ସବ ପାଲଟିଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ରାମ ମନ୍ଦିର ନିର୍ମାଣ ଉଡୁପୀ ପାଇଁ ଅନ୍ୟ ଏକ କାରଣରୁ ସ୍ୱତନ୍ତ୍ର, ଏହି କାରଣ ହେଉଛି, ନୂତନ ମନ୍ଦିରରେ ଜଗଦଗୁରୁ ମାଧବାଚାର୍ଯ୍ୟ ଜୀଙ୍କ ନାମରେ ଏକ ଭବ୍ୟ ଦ୍ୱାର ନିର୍ମାଣ କରାଯାଇଛି। ପ୍ରଭୁ ରାମଙ୍କ ଜଣେ ପରମ ଭକ୍ତ ଜଗଦଗୁରୁ ମାଧବାଚାର୍ଯ୍ୟ ଜୀ ଏକ ଶ୍ଳୋକ ଲେଖିଥିଲେ ଯାହାର ଅର୍ଥ ହେଉଛି ପ୍ରଭୁ ଶ୍ରୀରାମ ଛଅଟି ଦିବ୍ୟ ଗୁଣରେ ସଜ୍ଜିତ। ସେ ପରମ ଭଗବାନ ଏବଂ ଅପାର ଶକ୍ତି ଓ ସାହସର ଏକ ସାଗର। ତେଣୁ, ରାମ ମନ୍ଦିର ପରିସରରେ ତାଙ୍କ ନାମରେ ନାମିତ ଏକ ଦ୍ୱାର ରହିବା କର୍ଣ୍ଣାଟକର ଉଡୁପୀ ଏବଂ ସମଗ୍ର ଦେଶ ପାଇଁ ଏକ ବଡ଼ ଗର୍ବର ବିଷୟ।

ଜଗଦଗୁରୁ ଶ୍ରୀ ମାଧବାଚାର୍ଯ୍ୟ ଭାରତର ଦ୍ୱୈତ ଦର୍ଶନର ପ୍ରବର୍ତ୍ତକ ଏବଂ ବେଦାନ୍ତର ଉଜ୍ଜ୍ୱଳ ଆଲୋକ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ କହିଥିଲେ, ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଉଡୁପୀର ଅଷ୍ଟ ମଠ ବ୍ୟବସ୍ଥା ଅନୁଷ୍ଠାନ ନିର୍ମାଣ ଏବଂ ନୂତନ ପରମ୍ପରା ସୃଷ୍ଟିର ଏକ ଜୀବନ୍ତ ଉଦାହରଣ। ଏଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତି, ବେଦାନ୍ତର ଜ୍ଞାନ ଏବଂ ହଜାର ହଜାର ଲୋକଙ୍କୁ ଖାଦ୍ୟ ପରିବେଷଣ କରିବାର ସଂକଳ୍ପ ରହିଛି। ଏକ ପ୍ରକାରରେ ଏହି ସ୍ଥାନ ଜ୍ଞାନ, ଭକ୍ତି ଏବଂ ସେବାର ଏକ ପବିତ୍ର ସଙ୍ଗମ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଶ୍ରୀ ମୋଦୀ ସ୍ମରଣ କରାଇଥିଲେ ଯେ, ଜଗଦଗୁରୁ ମାଧବାଚାର୍ଯ୍ୟଙ୍କ ଜନ୍ମ ସମୟରେ ଭାରତ ଅନେକ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସମସ୍ୟାର ସମ୍ମୁଖୀନ ହେଉଥିଲା। ସେହି ସମୟରେ ସେ ସମାଜର ପ୍ରତ୍ୟେକ ବର୍ଗ ଏବଂ ପ୍ରତ୍ୟେକ ବିଶ୍ୱାସକୁ ଯୋଡ଼ି ପାରିବା ଭଳି ଭକ୍ତିର ପଥ ଦେଖାଇଥିଲେ। ଏହି ମାର୍ଗଦର୍ଶନ ଯୋଗୁଁ, ଶହ ଶହ ବର୍ଷ ପରେ ମଧ୍ୟ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ମଠଗୁଡ଼ିକ ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କ ସେବା କରିଆସୁଛନ୍ତି। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଦ୍ୱୈତ ପରମ୍ପରାରେ ଅନେକ ମହାନ ବ୍ୟକ୍ତିତ୍ୱ ଆବିର୍ଭୂତ ହୋଇଥିଲେ ଯେଉଁମାନେ ସର୍ବଦା ଧର୍ମ, ସେବା ଏବଂ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକୁ ଆଗକୁ ବଢାଇଥିଲେ। ଜନସେବାର ଏହି ଚିରନ୍ତନ ପରମ୍ପରା ଉଡୁପୀର ସର୍ବଶ୍ରେଷ୍ଠ ଐତିହ୍ୟ ବୋଲି ସେ କହିଥିଲେ।

ଜଗଦଗୁରୁ ମାଧବାଚାର୍ଯ୍ୟଙ୍କ ପରମ୍ପରା ହରିଦାସ ପରମ୍ପରାକୁ ଶକ୍ତି ପ୍ରଦାନ କରିଥିଲା ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ପୁରନ୍ଦର ଦାସ ଏବଂ କନକ ଦାସଙ୍କ ଭଳି ମହାନ ସନ୍ଥମାନେ ସରଳ, ସୁମଧୁର ଏବଂ ସୁଗମ କନ୍ନଡ ଭାଷାରେ ଜନସାଧାରଣଙ୍କ ନିକଟରେ ଭକ୍ତିକୁ ପହଞ୍ଚାଇଥିଲେ। ସେମାନଙ୍କର ରଚନା ପ୍ରତ୍ୟେକ ହୃଦୟରେ ପହଞ୍ଚିଥିଲା। ସମାଜର ସବୁଠାରୁ ଗରିବ ବର୍ଗକୁ ମଧ୍ୟ ପ୍ରଭାବିତ କରିଥିଲା। ସେମାନଙ୍କୁ ଧର୍ମ ଏବଂ ସନାତନ ମୂଲ୍ୟବୋଧ ସହିତ ଯୋଡ଼ିଥିଲା। ଏହି ରଚନାଗୁଡ଼ିକ ଆଜିର ପିଢ଼ି ପାଇଁ ସମାନ ଭାବରେ ପ୍ରାସଙ୍ଗିକ। ଏବେ ବି ଯେତେବେଳେ ଯୁବପିଢ଼ି ସୋସିଆଲ ମିଡିଆ ରିଲ୍ ?ରେ ପୁରନ୍ଦର ଦାସଙ୍କ ରଚନା 'ଚନ୍ଦ୍ରଚୂଡ଼ ଶିବ ଶଙ୍କର ପାର୍ବତୀ' ଶୁଣନ୍ତି, ସେମାନେ ଏକ ଭିନ୍ନ ଆଧ୍ୟାତ୍ମିକ ଭାବନାରେ ମଜ୍ଜି ଯାଆନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ମଧ୍ୟ, ଉଡୁପୀରେ ତାଙ୍କ ପରି ଜଣେ ଭକ୍ତ ଗୋଟିଏ ଛୋଟ ଝରକା ଦେଇ ଭଗବାନ ଶ୍ରୀକୃଷ୍ଣଙ୍କ ଦର୍ଶନ କଲେ କନକ ଦାସଙ୍କ ଭକ୍ତି ସହିତ ଯୋଡ଼ି ହେବାର ସୁଯୋଗ ପାଇଥାଏ। ଆଜି ଏବଂ ପୂର୍ବରୁ କନକ ଦାସଙ୍କୁ ପ୍ରଣାମ କରିବାର ସୌଭାଗ୍ୟ ପାଇ ସେ ନିଜକୁ ବହୁତ ଭାଗ୍ୟବାନ ମନେ କରୁଛନ୍ତି ବୋଲି ସେ କହିଥିଲେ।

# ଆଜବେଷ୍ଟସ୍-ସିମେଣ୍ଟ ଚାଦର ଛାତର ସୁରକ୍ଷାକୁ ସମର୍ଥନ କଲା ଜାତୀୟ ସବୁଜ ନ୍ୟାୟାଧିକରଣ



**ନୂଆଦିଲ୍ଲୀ/ଢେଙ୍କାନାଳ:** ଭାରତର ନିର୍ମାଣ ସାମଗ୍ରୀ କ୍ଷେତ୍ର ପାଇଁ ଏକ ପ୍ରମୁଖ ବିକାଶରେ, ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) ଦାଖଲ ଏବଂ ବିଶେଷଜ୍ଞ କମିଟି ମତାମତ ଯାଞ୍ଚ କରିବା ପରେ, ଏନଜିଟି ସ୍କୁଲ ଏବଂ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନରେ ଆଜବେଷ୍ଟସ୍-ସିମେଣ୍ଟ ଛାତ ଚାଦର ଉପରେ ସମ୍ପୂର୍ଣ୍ଣ ନିଷେଧ ଲାଗୁ କରିବାକୁ ମନା କରିଦେଇଛି। ଏନଜିଟି କହିଛି ଯେ ମାନବ ସ୍ୱାସ୍ଥ୍ୟ ଉପରେ ଆଜବେଷ୍ଟସ୍-ସିମେଣ୍ଟ ସିଟ୍ ନିୟମିତ ବ୍ୟବହାରର କ୍ଷତିକାରକ ପ୍ରଭାବର କୌଣସି ନିର୍ଣ୍ଣାୟକ ବୈଜ୍ଞାନିକ ପ୍ରମାଣ ନାହିଁ। ଡକ୍ଟର ରାଜା ସିଂହ ବନାମ ଭାରତ ସଂଘ ଏବଂ ଅନ୍ୟାନ୍ୟ ମାମଲାରେ ଏହି ନିଷ୍ପତ୍ତି ଦିଆଯାଇଥିଲା, ଯେଉଁଠାରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ଗଠିତ ଏକ ବହୁ-ଶାଖାଗତ ବିଶେଷଜ୍ଞ କମିଟି ଏହି ମାମଲାକୁ ଯାଞ୍ଚ କରିଥିଲା। ବିଶେଷଜ୍ଞ କମିଟି କହିଛି ଯେ ଆଜବେଷ୍ଟସ୍ ତନ୍ତୁ ସିମେଣ୍ଟରେ ଦୃଢ଼ ଭାବରେ ସ୍ଥାପିତ ହୋଇଥାଏ, ଯାହା ସାମଗ୍ରୀକୁ ସ୍ଥିର, ସ୍ଥାୟୀ ଏବଂ ନିରାପଦ କରିଥାଏ । ସ୍କୁଲ ଭଳି ଅଣ-ଶିଳ୍ପ କ୍ଷେତ୍ରଗୁଡ଼ିକରେ ଆଜବେଷ୍ଟସ୍ ସିମେଣ୍ଟ ଚାଦର ବ୍ୟବହାର କରିବା ଦ୍ୱାରା ମାନବ ସ୍ୱାସ୍ଥ୍ୟ ଉପରେ ବିପଦ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ। ନ୍ୟାୟାଧିକରଣ ଲକ୍ଷ୍ୟ କରିଥିଲେ ଯେ ସୁରକ୍ଷିତ ପରିଚାଳନା ଏବଂ ଏନଜିଟି ମାନଦଣ୍ଡ (ଆଇଏସ ୧୧୭୬୯:୧୯୮୭ଏବଂ ଆଇଏସ ୪୫୯:୧୯୯୨) ପାଳନ ସର୍ବନିମ୍ନ ଏକ୍ସପୋଜର ଏବଂ ପରିବେଶ ସୁରକ୍ଷା ସୁନିଶ୍ଚିତ କରେ। ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) ପରିବେଶ ମନ୍ତ୍ରଣାଳୟ (ଏମ୍ଓଇଏଫ୍ ଆଣ୍ଡ୍ ସିସି )କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେ ସର୍ବୋତ୍ତମ ଆନ୍ତର୍ଜାତୀୟ ଅଭ୍ୟାସଗୁଡ଼ିକର ସମୀକ୍ଷା କରନ୍ତୁ ଏବଂ ଛଅ ମାସ ମଧ୍ୟରେ ଆଜବେଷ୍ଟସ୍ ଯୁକ୍ତ ଉତ୍ପାଦଗୁଡ଼ିକର ଉତ୍ପାଦନ, ସ୍ଥାପନ, ରକ୍ଷଣାବେକ୍ଷଣ, ଅପସାରଣ ଏବଂ ନିଷ୍କାସନ ପାଇଁ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରନ୍ତୁ, ଯାହା ଦ୍ୱାରା ପରିବେଶ ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ଶିଳ୍ପ ସଂସ୍ଥାଗୁଡ଼ିକ ଏନଜିଟିର ଏହି ରାୟକୁ ବିଜ୍ଞାନ-ଆଧାରିତ ନିୟନ୍ତ୍ରଣ, ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଏକ ଦୃଢ଼ ପ୍ରମାଣ ଭାବରେ ସ୍ୱାଗତ କରିଛନ୍ତି। ଏହା ସହିତ ଆହୁରି ମଧ୍ୟ କୁହାଯାଇଛି ଯେ 'ଆଜବେଷ୍ଟସ୍-ସିମେଣ୍ଟ ସିଟ୍ ନିରାପଦ, ସ୍ଥାୟୀ ଏବଂ ଭାରତର ସୁଲଭ ଗୃହ ଏବଂ ଭିତ୍ତିଭୂମି ଆବଶ୍ୟକତା ପୂରଣ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିଳ୍ପ ଉଚ୍ଚ ପରିବେଶଗତ ମାନଦଣ୍ଡ, ଶ୍ରମିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା, ଏବଂ ଆଜବେଷ୍ଟସ୍-ସିମେଣ୍ଟ ଉତ୍ପାଦଗୁଡ଼ିକର ନିରାପଦ ବ୍ୟବହାର, ପରିଚାଳନା, ବିସ୍ଥାପନକୁ ପ୍ରୋତ୍ସାହିତ କରିବା ବିଷୟରେ ଜନସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ।

**ଜନସ୍ୱାସ୍ଥ୍ୟ ବିପଦର କୌଣସି ପ୍ରମାଣ ନାହିଁ**

# କିଟ୍‌ରେ ୨୬ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଘାଟିତ

## ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ବିଜ୍ଞାନର ପ୍ରୟୋଗ ଅତ୍ୟନ୍ତ ଜରୁରୀ



**ଭୁବନେଶ୍ୱର:** ୨୬ ତମ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଏବଂ ଏସ୍‌ଡିଜି: ସାଇନ୍‌ସ ଆଣ୍ଡ ଟେକ୍ନୋଲୋଜି ଇନୋଭେସନ୍‌ସ ବିଷୟବସ୍ତୁ ଆଧାରିତ ସଷ୍ଟେନେବଲ୍ ଗ୍ରୀନ୍ ଫ୍ରଣ୍ଟିୟର୍ସ ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ କିଟ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ସମ୍ମିଳନୀକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରି ରସାୟନ ବିଜ୍ଞାନ କ୍ଷେତ୍ରରେ ଜୀବନ ବ୍ୟାପୀ ଅବଦାନ ନିମନ୍ତେ ପ୍ରତବର୍ଷ ଜଣେ ରସାୟନ ବିଜ୍ଞାନୀଙ୍କୁ କିଟ୍ ପକ୍ଷରୁ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ନିରନ୍ତର ସବୁଜ ସୀମା ଉପରେ ଏହି ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶା ଏନଭିରନମେଣ୍ଟ ସୋସାଇଟି ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ନବସର୍ଜନା। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ କିପରି ପ୍ରୟୋଗ କରିବା, ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାରଙ୍କ ପ୍ରାକ୍ତନ ସଚିବ ଡ. ଅରୁଣ କୁମାର ରଥ ଯୋଗ ଦେଇଥିବା ବେଳେ ଡିଆର୍‌ଡିଓ ବେଙ୍ଗାଲୁରୁର ମହାନିର୍ଦ୍ଦେଶକ (ଇସିଏସ୍), ପ୍ରଫେସର ଟି କେ ବସ୍ତିଆ, ଓଡ଼ିଶା ପରିବେଶ ସମତି ସଂଯୋଜକ ପ୍ରଫେସର ଏସ୍ ଏନ୍ କୁଣ୍ଡୁ, କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରିଛନ୍ତି। ବିଶ୍ୱସ୍ତରରେ ୨୦୧୬ରୁ ୨୦୩୦ ପର୍ଯ୍ୟନ୍ତ ଜାତିସଂଘ ଆନୁକୁଲ୍ୟରେ କାର୍ଯ୍ୟକାରୀ ହେଉଥିବା ନିରନ୍ତର ବିକାଶ ଲକ୍ଷ୍ୟର ଗୁରୁତ୍ୱ ଏବଂ ଏ ସବୁ ଲକ୍ଷ୍ୟ ସାଧନ ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଭାରତରେ ଏ ସବୁ ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣାରତ ବୈଜ୍ଞାନିକମାନେ, ବିଶେଷତଃ ଯୁବ ବୈଜ୍ଞାନିକ ଗୋଷ୍ଠୀ ନବସର୍ଜନା ମାଧ୍ୟମରେ ସଫଳତା ହାସଲ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପଦାର୍ଥ ବିଜ୍ଞାନୀ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂ, ଜୀବ ବିଜ୍ଞାନୀ ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ପରିବେଶ ବିଜ୍ଞାନୀ ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ ଏବଂ ଯାନ୍ତ୍ରିକ ବିଜ୍ଞାନୀ ଡ. ବିନୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ଏହି ସମ୍ମିଳନୀର ଆବାହକ ରୂପେ ୧୫ ବର୍ଷର ଅବଦାନ ନିମନ୍ତେ ମଧ୍ୟ ସମ୍ମାନୀତ କରାଯାଇଥିଲା। ଶେଷରେ ପରିବେଶ ସମିତିର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ସମବାୟ ସମିତିରେ ସାର ବଣ୍ଟନରେ ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ



**ସାଲେପୁର(ମାନିସ):** ସାଲେପୁର ବ୍ଲକ ସୌରୀ ପଂଚାୟତ ଚାଟେଶ୍ୱର ପ୍ରାଥମିକ ସେବା ସମବାୟ ସମିତିରେ ସାର ବଣ୍ଟନ ଅନିୟମିତତାକୁ ନେଇ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଏକ ଉଚ୍ଚସ୍ତରୀୟ ତଦନ୍ତ ହୋଇଯାଇଛି କ୍ଷ ଖବରରୁ ପ୍ରକାଶ ଗତ ୨ ମାସ ତଳେ ଚାଟେଶ୍ୱର ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ଚାଷୀ ମାନଙ୍କୁ ବିକ୍ରୟ ହେବାକୁ ଆସିଥିବା ସାରା ବିକ୍ରୟରେ ଅନିୟମିତତା ଓ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦାମ ରେ ସାର ବିକ୍ରୟ ହୋଇଥିବା ଅଭିଯୋଗ ଉଚ୍ଚକର୍ତୃପକ୍ଷକ ନିକଟରେ ହୋଇଥିଲା । କଟକ ଜିଲ୍ଲାପାଳ ଏହି ଅଭିଯୋଗକୁ ଭିତ୍ତିକରି କଟକ ସର୍କଲ କୋପରେଟିଭ ସୋସାଇଟି ସବ-ଆସିଷ୍ଟାଣ୍ଟ ରେଜିଷ୍ଟର ଗାୟତ୍ରୀ ବେହେରା ଓ ଇନ୍ସପେକ୍ଟର କୋପରେଟିଭ ସୋସାଇଟି ସମ୍ବିତ ବେହେରାଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଆଜି ସୌରୀ ସ୍ଥିତ ଚାଟେଶ୍ୱର ପ୍ରାଥମିକ ସେବା ସମବାୟ ସମିତିରେ ତଦନ୍ତ ଟିମ ପହଂଚି ତଦନ୍ତ କରିଛନ୍ତି । ଏଠାରେ ଉପସ୍ଥିତ ଶତାଧିକ ଚାଷୀ ତଦନ୍ତ ସମୟରେ ଅଭିଯୋଗକୁ ସଂପୂର୍ଣ୍ଣ ଭାବେ ଖଣ୍ଡନ କରିଥିବା ବେଳେ ସେ ସମୟରେ ଆବଶ୍ୟକ ପରିମାଣର ସାର ସେମାନଙ୍କୁ ମିଳିପାରିନଥିବା ପ୍ରକାଶ କରିଥିଲେ । ଅପର ପକ୍ଷ ସାର ବଣ୍ଟନ ଅନିୟମିତତା ରେ ଲିଖିତ ଅଭିଯୋଗ କରିଥିବା ଚାଷୀଙ୍କ ଦେଖା ମିଳିନଥିବା ବେଳେ ଉପସ୍ଥିତ କେତେଜଣଙ୍କୁ ଚାଷୀ ମାନେ ତୁମେ କୋଉ ଚାଷୀ କଣ ପାଇଁ ଆମ ସୋସାଇଟିକୁ ବଦନାମ କରୁଛ କହି ପାଟିତୁଣ୍ଡ କରି ଥିବାର ଦେଖା ଯାଇଥିଲା କ୍ଷ କିଛି ସମୟ ପାଇଁ ଉତ୍ତେଜନା ଦେଖା ଯାଇଥିଲା କ୍ଷ ଏହି ତଦନ୍ତ ପକ୍ରିୟାରେ ଚାଷୀ ମନୋରଞ୍ଜନ ନାୟକ, ପ୍ରଶାନ୍ତ ଜେନା, ମଂଜୁର ଅଲ୍ଲୀ, ଲୋକନାଥ ଖଟେଇ, ଉମର ରାଉତରାୟ, ଜଗନ୍ନାଥ ସେଠୀ, ଫନୀନ୍ଦ୍ର ଜେନା, କ୍ଷିତୀଶ ଜେନା ଓ ଅମିତାଭ ଷଡଙ୍ଗୀଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି ସାରା ବଣ୍ଟନ ଅନିୟମିତତା ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହା ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମିଥ୍ୟା ଅଭିଯୋଗ ବୋଲି ପ୍ରକାଶ କରିଛନ୍ତି କ୍ଷ ତେବେ ତଦନ୍ତ କରି ଫେରିଯାଇଥିବା ତଦନ୍ତ ଟିମର ରିପୋର୍ଟକୁ ଆଗାମୀ ଦିନରେ ଅପେକ୍ଷା ରହିଲା ।

# ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏକ ଆର୍ଥିକ ବର୍ଷରେ ସବୁଠାରୁ ଦ୍ରୁତତମ ୧୦୦ ଏମଏମଟି କାର୍ଗୋ ପରିବହନ ହାସଲ କରିଛି

**ଭୁବନେଶ୍ୱର (ପିଆଇବି):** ଓଡିଶାର ପାରାଦୀପ ବନ୍ଦର ୨୭ ନଭେମ୍ବରରେ ପ୍ରତିଷ୍ଠା ହେବା ପରଠାରୁ ଏକ ଆର୍ଥିକ ବର୍ଷରେ ସବୁଠାରୁ ଦ୍ରୁତତମ ୧୦୦ ଏମଏମଟି କାର୍ଗୋ ପରିବହନ ହାସଲ କରି ଇତିହାସ ସୃଷ୍ଟି କରିଛି। ଏହା ଲଗାତାର ୯ମ ବର୍ଷ ଯେ ବନ୍ଦର ୧୦୦ ଏମଏମଟି ମାର୍କ ଅତିକ୍ରମ କରିଛି ଏବଂ ୧୦୦.୧୫ ଏମଏମଟି ହାସଲ କରିଛି ଏବଂ ପୂର୍ବ ବର୍ଷ ତୁଳନାରେ ୪.୭୮% ଅଭିବୃଦ୍ଧି ପ୍ରଦର୍ଶନ କରିଛି ଏବଂ ଏହା ଗତ ଆର୍ଥିକ ବର୍ଷ ତୁଳନାରେ ୧୨ ଦିନ ପୂର୍ବରୁ ଏହା କରିଛି। ଉଲ୍ଲେଖନୀୟ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ, ୯ ଡିସେମ୍ବର ୨୦୨୪ ରେ ୧୦୦ ଏମଏମଟି ର ଇଚ୍ଛିତ ଲକ୍ଷ୍ୟ ହାସଲ କରାଯାଇଥିଲା। ଗତ ଆର୍ଥିକ ବର୍ଷରେ ୨୫୩ ଦିନ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୨୪୧ ଦିନରେ ଏହି ରେକର୍ଡ ହାସଲ କରାଯାଇଥିଲା। ବଜାର ଚ୍ୟାଲେଞ୍ଜ ସତ୍ତ୍ୱେ, ବନ୍ଦର ନୂତନ ମାନଦଣ୍ଡ ସ୍ଥାପନ କରି ଚାଲିଛି। ଦ୍ରୁତ କାର୍ଯ୍ୟ, ସିଷ୍ଟମ ଉନ୍ନତି ଏବଂ ଅଂଶୀଦାରମାନଙ୍କଠାରୁ ସ୍ଥିର ସମର୍ଥନ ପିପିଏ କୁ ଆଗକୁ ରହିବାରେ ସାହାଯ୍ୟ କରିଛି। ଉପକୂଳ ତାପଜ କୋଇଲା, କଣ୍ଟେନର କାର୍ଗୋ, ଜିପ୍ସମ ଏବଂ ଫ୍ଲକ୍ସ, ପିଓଏଲ୍ ଏବଂ ଇସ୍ପାତ କାର୍ଗୋରେ ଅଭିବୃଦ୍ଧି ଏକ ପ୍ରମୁଖ ଉପକୂଳ ଜାହାଜ ପରିବହନ କେନ୍ଦ୍ର ଭାବରେ ପିପିଏ ର ସ୍ଥିତିକୁ ସୁଦୃଢ଼ କରିଛି। ବନ୍ଦରରେ ମୋଟ କାର୍ଗୋ ପରିମାଣର ପ୍ରାୟ ୪୫% କୋଇଲା କାର୍ଗୋ ପରିଚାଳନା ଏବଂ ଏହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ୩.୭୬% ଅଭିବୃଦ୍ଧି ଦେଖାଇଛି। ସେହିପରି, ଚଳିତ ଆର୍ଥିକ ବର୍ଷରେ ପ୍ରତିବର୍ଷ ଆଧାରରେ କଣ୍ଟେନରାଇଜଡ୍ କାର୍ଗୋ ପରିମାଣ ୩୨%, ଜିପ୍ସମ ଏବଂ ଫ୍ଲକ୍ସ ପରିମାଣ ୨୪%, ଇସ୍ପାତ କାର୍ଗୋ ୩୫% ଏବଂ ପିଓଏଲ୍ ୩୧% ବୃଦ୍ଧି ପାଇଛି। ଏହିପରି ପାରାଦୀପ ବନ୍ଦର ଦେଶର ଏକ ଉପକୂଳ ଜାହାଜ ପରିବହନ କେନ୍ଦ୍ର ଭାବରେ ଉଭା ହେଉଛି।

# ଚଳିତ ଖରିଫ ଧାନ କ୍ରୟ ପାଇଁ କୁଚିଣ୍ଡା ମାର୍କେଟ ୟାର୍ଡର ଶୁଭାରମ୍ଭ କଲେ ଉପଜିଲ୍ଲାପାଳ

**କୁଚିଣ୍ଡା(ମାନିସ):** ଶୁକ୍ରବାର ଚଳିତ ଖରିଫ ଋତୁରେ ଧାନ କ୍ରୟ ପାଇଁ କୁଚିଣ୍ଡା ନିୟନ୍ତ୍ରିତ ବଜାର କମିଟି (ଆରଏମସି)ର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ କୁଚିଣ୍ଡା ମାର୍କେଟ ୟାର୍ଡ଼ର ଶୁଭାରମ୍ଭ ଉପଜିଲ୍ଲାପାଳ ତଥା ଆରଏମସି ଅଧକ୍ଷ ସାର୍ବାନନ ସ କରିଛନ୍ତି। ସେ ବୁଧବାର ଦିନ କୁଚିଣ୍ଡା ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଥିବା ଉପଖଣ୍ଡର ପ୍ରଥମ ମାର୍କେଟୟାର୍ଡ (ଧାନ ସଂଗ୍ରହ କେନ୍ଦ୍ର)ର ଫିତା କାଟି ଓ ନଡ଼ିଆ ଭାଙ୍ଗି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳଙ୍କ ସହ କୁଚିଣ୍ଡାର ସହକାରୀ ଯୋଗାଣ ନିରୀକ୍ଷକ ରାଜକିଶୋର ସାଇଁ, ଆରଏମସିର ସମ୍ପାଦକ ସୁଧୀର କୁମାର ନାୟକ, କୁଚିଣ୍ଡା ଲ୍ୟାମ୍ପ ସଭାପତି ନବୀନ ମାଝୀ , ପରିଚାଳନା ନିର୍ଦ୍ଦେଶକ କୁମୋଦ ପ୍ରଧାନ , ଲ୍ୟାମ୍ପର ଅନ୍ୟ କର୍ମଚାରୀ ଓ ଜିଲ୍ଲାପରିଷଦ ସଦସ୍ୟ ଦିବ୍ୟରାଜ କିସାନଙ୍କ ସହିତ ବହୁ ଚାଷୀ ଉପସ୍ଥିତ ଥିଲେ । ତେବେ ଟୋକନ ମିଳିବାରେ ବହୁ ବିଳମ୍ବ ହୋଇଥିବାରୁ ପ୍ରଥମ ଦିନରେ ଧାନ ବିକ୍ରି କରିବା ପାଇଁ ଜଣେ ହେଲେ ଚାଷୀ ଆସି ନ ଥିଲେ।



# ୨ଦିନିଆ ଅମୃତକାଳ ସାଂସ୍କୃତିକ ସମାରୋହ ଶୁଭାରମ୍ଭ



**ରାୟଗଡ(ମାନିସ):** ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅନୁକୂଲ୍ୟରେ ପୂର୍ବାଞ୍ଚଳ ସଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଅମ୍ରିତ କାଳ ସାଂସ୍କୃତିକ ସମାରୋହ ଅବସରରେ ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି କ୍ଷ ସ୍ଥାନୀୟ ବିଜୁପଟନାୟକ ଅଡିଟୋରିୟମ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ଆଜି ଉଦଘାଟନୀ ସମାରୋହ ରେ ଯୋଗଦେଇଥିଲେ ଶ୍ରୀଯୁକ୍ତ ନବୀନ କୁମାର ନାୟକ, ପ୍ରକଳ୍ପ ପ୍ରଶାସକ ସମ୍ବନ୍ୱିତଆଦିବାସୀ ଉନ୍ନୟନ ସଂସ୍ଥା, ରାୟଗଡ଼ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲାସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ଶ୍ରୀ ମହାଦେବ ସିଛୁଆଁ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତାର ସହକାରୀ ନିର୍ଦ୍ଦେଶକ ଅଧିକାରୀ ଶ୍ରୀ କ୍ରିଷ୍ଣା ସରୋଜ ଆଦି ଯୋଗଦାନ କରିଥିଲେ ।

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ସମାରୋହ ମାଧ୍ୟମରେ ଏକ ବିକଶିତ ଭାରତର ଯେଉଁ ପରିକଳ୍ପନା କରାଯାଇଛି ତାହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପର୍ଣ୍ଣ ନୃତ୍ୟ, ସଂଗୀତକୁ ଗରିମାମୟ କରିପାରିଛି ଏବଂ ଏହି ସମାରୋହ ମାଧ୍ୟମରେ ରାୟଗଡା ଜିଲ୍ଲା ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟ କଳା ପ୍ରଦର୍ଶନ କରୁଛନ୍ତି । ଜିଲ୍ଲା ପ୍ରଶାସନଙ୍କ ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ ସମାରୋହର ଉଦଘାଟନୀ ସନ୍ଧ୍ୟାରେ ମାଆ ସନ୍ତୋଷୀ କଳା ପ୍ରତିଷ୍ଠାନ ପକ୍ଷରୁ ଢେମସା ନୃତ୍ୟ, ଲାଞ୍ଜିଆ ସଉରା ପୁଟାସିଂହ ପକ୍ଷରୁ ଲାଞ୍ଜିଆ ସଉରା, ମାଆ ମଝିଘରିଆଣି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଚଇତି ଉତ୍ସବ ନୃତ୍ୟ, ପି ଡି ସି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଆଦିବାସୀ ଢେମସା ନୃତ୍ୟ ସହିତ ମାଆ ମାର୍କମା ନାଟ୍ୟ କଳା ସଂଗଠନ ପକ୍ଷରୁ ରାଧା ପ୍ରେମଲୀଳା ଏବଂ ସେବା ସମାଜ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ପରି ପରାମ୍ପରୀକ ନୃତ୍ୟ କାର୍ଯ୍ୟକ୍ରମ ମାନ କଳାକାର ମାନେ ପ୍ରସ୍ତୁତ କରାଯାଇଥିଲା ।

କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ରାଶି ମଧ୍ୟ ପ୍ରଦାନ କରାଯାଉଛି କ୍ଷ ରାୟଗଡା କଳାକାର ମାନଙ୍କୁ ଉତ୍ସାହିତ କରିବାକୁ କଲିକତା ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଙ୍କ ଉଦ୍ୟମ କୁ ସହଯୋଗ ଦେଇଛନ୍ତି ରାୟଗଡା ପ୍ରଶାସନ । ଏହି ଅବସରରେ ଗୁରୁମାନଙ୍କୁ ସମ୍ମାନିତ କରାଯାଇଥିଲା । ମାଆ ସନ୍ତୋଷୀ କଳା ପ୍ରତିଷ୍ଠାନ ପକ୍ଷରୁ ଗୁରୁ ସନ୍ତୋଷ କୁମାର ତାଣ୍ଡି, ଲାଞ୍ଜିଆ ସଉରା ପୁଟ ସିଂ ପକ୍ଷରୁ ଗୁରୁ ବୀରଭଦ୍ର ଦଳବେହେରା, ମାଆ ମଝିଘରିଆଣି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଗୁରୁ ଟି. ଶିବ ଭାସ୍କର, ପୀଡିସି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଗୁରୁ ଗୁପ୍ତେଶ୍ୱର ଶିଙ୍କା,ମାଆ ମାର୍କମା ନାଟ୍ୟ କଳା ସଂଗଠନ ପକ୍ଷରୁ ଗୁରୁ ମଧୁ ସୁଦନ ମହାପାତ୍ର ଏବଂ ରାୟଗଡା ସେବା ସମାଜ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ପକ୍ଷରୁ ଦୀପ୍ତି ମାଡାମ ଙ୍କୁ ସମ୍ମାନିତ କରାଯାଇଥିଲା । ସ୍ଥାନୀୟ କଳାକାର ମାନଙ୍କ ସହିତ ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ସ୍କୁଲର ଅନେକ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ ସେବା ସମାଜ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ର ଅନେକ ଅନ୍ତେବାସୀ । ଉଦଘାଟନୀ ସନ୍ଧ୍ୟାର ପ୍ରଥମ ନିବେଦନ ଥିଲା କୋରାପୁଟିଆ ଢେମସା ନୃତ୍ୟ ପ୍ରସ୍ତୁତ କରି ଥିଲେ ମାଆ ସନ୍ତୋଷୀ କଳା ପ୍ରତିଷ୍ଠାନ। ଶିବ ଭାସ୍କର ଏବଂ ସାଥି ଆଦିବାସୀ ଗୁରଖି ନୃତ୍ୟ ପରିବେଷଣ କରିଥିଲେ ପୀଡିସି ଡ୍ୟାନ୍ସ ଗ୍ରୁପ। ସେବା ସମାଜ ବାଳିକା ଶିଶୁ ଯତ୍ନ ଅନୁଷ୍ଠାନ ପରିବେଷଣ କରିଥିଲେ ସମ୍ବଲପୁରୀ ନୃତ୍ୟ।ରାଧା ପ୍ରେମ ଲୀଳା, ପ୍ରସ୍ତୁତ କରିଥିଲେ ମାଆ ମାର୍କମା ନାଟ୍ୟ କଳା ସଂଗଠନ କ୍ଷ ଦ୍ୱିତୀୟ ସନ୍ଧ୍ୟାରେ ଅନେକ ନୃତ୍ୟ କାର୍ଯ୍ୟକ୍ରମ ନେଇ କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରିବେ ରାୟଗଡା ଜିଲ୍ଲାର କଳାକାରମାନେ।

ଅତିଥି ମାନେ କଳାକାର ରାୟଗଡା ପ୍ରଶାସନ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରକୁ ବେଶ ପ୍ରଶଂସା କରିଥିଲେ।

ମାତୃଭାଷା



# ହ୍ୟାଲୋ ବଲିଉଡ୍



## ୧୭ ବର୍ଷର ରେକର୍ଡ ଭାଙ୍ଗିବ 'ଧୁରନ୍ଧର୍'

ରଣବୀର ସିଂହଙ୍କ ଅପକମିଙ୍ଗ ସ୍ପାଇ-ଥ୍ରିଲର୍ ଫିଲ୍ମ 'ଧୁରନ୍ଧର୍'କୁ ନେଇ ଚର୍ଚ୍ଚା । ଫିଲ୍ମର ସମୟସୀମା ସାଧାରଣ ଫିଲ୍ମ ତୁଳନାରେ ବହୁତ ଅଧିକ ବୋଲି ଚର୍ଚ୍ଚା ହେଉଛି । ଫିଲ୍ମର ଅବଧି ସାଢ଼େ ତିନି ଘଣ୍ଟାରୁ ଅଧିକ ହେବ । ବାସ୍ତବ ଘଟଣାବଳୀ ଦ୍ୱାରା ପ୍ରେରିତ ଏହି ଫିଲ୍ମ ଦୁଇଟି ଭାଗରେ ପ୍ରଦର୍ଶିତ ହେବ ବୋଲି ପୂର୍ବରୁ ସ୍ପଷ୍ଟ ହୋଇଥିଲା । ଏବେ ଜଣାପଡ଼ିଛି 'ଧୁରନ୍ଧର୍ ଭାଗ-୧'ର ଅବଧି ୩ ଘଣ୍ଟା ୩୨ ମିନିଟ୍ ହେବ । ତେବେ ନିର୍ମାତାଙ୍କ ପକ୍ଷରୁ ଏ ନେଇ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । କିନ୍ତୁ ଏହାର ଚୂଡ଼ାନ୍ତ ଅବଧି ୩.୫ ଘଣ୍ଟାର ହେବ ବୋଲି ଅନୁମାନ କରାଯାଉଛି । ସେନ୍ସର୍ ପ୍ରମାଣପତ୍ର ହାସଲର ପ୍ରକ୍ରିୟା ଆରମ୍ଭ ହୋଇଛି । ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଫିଲ୍ମକୁ ପ୍ରମାଣପତ୍ର ପ୍ରଦାନ କରିବା ପରେ ଏହାର ପ୍ରକୃତ ଅବଧି ଜଣାପଡ଼ିବ । ରିପୋର୍ଟ ସତ ହେଲେ, ପ୍ରାୟ ୧୭ ବର୍ଷ ମଧ୍ୟରେ ରିଲିଜ୍ ହୋଇଥିବା ସବୁଠୁ ଲମ୍ବା ଅବଧିର ବଲିଉଡ୍ ଫିଲ୍ମ ହେବ 'ଧୁରନ୍ଧର୍' । ୨୦୦୮ର ଋତ୍ୱିକ ରୋଶନ ଓ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଫିଲ୍ମ 'ଯୋଦ୍ଧା ଆକବର' ନାଁରେ ଏହି ରେକର୍ଡ ରହିଛି, ଯାହା ୩ ଘଣ୍ଟା ୩୪ ମିନିଟର ଥିଲା । ଏହା ପୂର୍ବରୁ ଏକାଧିକ ଫିଲ୍ମର ଅବଧି ଘଣ୍ଟାରୁ ଅଧିକ ଥିଲା । ତନ୍ମଧ୍ୟରେ 'ଏଲଓସି କାର୍ଗିଲ' (୪ ଘଣ୍ଟା ୭ ମିନିଟ୍), 'ଲଗାନ୍' (୩ ଘଣ୍ଟା ୪୪ ମିନିଟ୍), 'ସଲାମ୍-ଏ-ଇଶ୍କ' (୩ ଘଣ୍ଟା ୩୬ ମିନିଟ୍) ଓ 'ମୋହବତେଁ (୩ ଘଣ୍ଟା ୩୫ ମିନିଟ୍) ଅନ୍ୟତମ । 'ଧୁରନ୍ଧର୍'ର ନିର୍ଦ୍ଦେଶନା ଦେଇଛନ୍ତି ଆଦିତ୍ୟ ଧୀର୍ । ଆସନ୍ତା ଡିସେମ୍ବର ୫ରେ ଏହାର ପ୍ରଥମ ଭାଗ ରିଲିଜ୍ ହେବ । ୨୦୨୬ ପ୍ରଥମାର୍ଦ୍ଧରେ ୨ୟ ଭାଗ ରିଲିଜ୍ କରିବାକୁ ନିର୍ମାତା ଯୋଜନା କରିଛନ୍ତି ।

# ତାମିଲନାଡୁ-ପୁଡୁଚେରୀମୁହାଁ ବାତ୍ୟା 'ଡିଟୱା'

**ନୂଆଦିଲ୍ଲୀ:** ବ୍ୟାକ୍ ଟୁ ବ୍ୟାକ୍ ବାତ୍ୟା । ସମୁଦ୍ରରେ ବଳ ଗୋଟାଇ ମାଡି ଆସୁଛି ସାଇକ୍ଲୋନ୍ । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଶ୍ରୀଲଙ୍କା

**ପ୍ରବଳ ବର୍ଷା ନେଇ ୪ ରାଜ୍ୟକୁ ଆଲର୍ଟ**

ଉପକୂଳରେ ସୃଷ୍ଟି ଗଭୀର ଅବପାତ ବାତ୍ୟାରେ ପରିଣତ ହୋଇଛି । ଯାହାର ନାଁ ରହିଛି 'ଡିଟୱା' । ତେବେ ଏହାର ପ୍ରଭାବରେ ତାମିଲନାଡୁର ଅଧିକାଂଶ ସ୍ଥାନରେ ୩୦ ତାରିଖ ଯାଏ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ତାମିଲନାଡୁର ରାୟଲସୀମାରେ ଅତି ପ୍ରବଳ ବର୍ଷା ନେଇ ଆଇଏମ୍ଡି



ପୂର୍ବାନୁମାନ କରିଛି । ଆନ୍ଧ୍ରପ୍ରଦେଶ ଓ କେରଳରେ ମଧ୍ୟ ଏହି ବାତ୍ୟାର ପ୍ରଭାବ ରହିବ । ସେପଟେ ଡଟୱା ଶ୍ରୀଲଙ୍କାର ମଧ୍ୟ ତାଣ୍ଡବ ରଚିଛି ।

ପାଣିପାଗ ବିଭାଗ ଅନୁସାରେ, ବାତ୍ୟା ଡଟୱାକୁ ନେଇ ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଏବଂ ତେଲେଙ୍ଗାକୁ ଆଲର୍ଟ ଜାରି ହୋଇଛି । ଆସନ୍ତା ୩୦ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା । ଦକ୍ଷିଣ-ଦକ୍ଷିଣପୂର୍ବ ଚେନ୍ନାଇଠୁ ୫୮୦ ଏବଂ ଦକ୍ଷିଣ-ଦକ୍ଷିଣପୂର୍ବ ପୁଡୁଚେରୀଠୁ ୪୮୦ କିମି ଦୂରରେ ବାତ୍ୟା ଡଟୱା । ବାତ୍ୟା ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ନିକଟବର୍ତ୍ତୀ ଜଳଭାଗରେ କେନ୍ଦ୍ରିତ ହୋଇଛି । ଏହା ତାମିଲନାଡୁ-ପୁଡୁଚେରୀ-ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଆଡକୁ ଗତି କରିବା ସହିତ ଆହୁରି ଘନୀଭୂତ ହୋଇପାରେ । ସେହିପରି ଅନ୍ୟ ଏକ ବାତ୍ୟା ସେନୟାରର ପ୍ରଭାବ କେବଳ ତାମିଲନାଡୁ ଉପରେ ରହିବ । ଏହାର ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା-ପବନ ବହିବ ବୋଲି ଆଇଏଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

# ଆଲାସ୍କାରେ ୬.୦ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ:** ଆମେରିକାର ଆଲାସ୍କାର ଆଙ୍କୋରେଜ୍ ମେଟ୍ରୋପଲିଟାନ୍ ଅଞ୍ଚଳ ଭୂମିକମ୍ପରେ ଥରି ଉଠିଛି । ୬.୦ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଆମେରିକାର ଭୂତତ୍ତ୍ୱ ସର୍ଭେ ଅନୁଯାୟୀ, ସ୍ଥାନୀୟ ସମୟ ପ୍ରାୟ ୮:୧୧ ମିନିଟରେ ୬୯ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପ ଅନୁଭୂତ ହୋଇଛି । ଏଥିରେ କୌଣସି ବଡ଼ କ୍ଷୟକ୍ଷତିର ରିପୋର୍ଟ ହସ୍ତଗତ ହୋଇନାହିଁ । କିନ୍ତୁ ୨୦୨୧ ପରେ ଏହା ସବଠୁ ବଡ଼ ଝଟକା ବୋଲି କୁହାଯାଉଛି ।



ଭୂମିକମ୍ପର କେନ୍ଦ୍ରସ୍ଥଳ ଆଲାସ୍କାର ସୁସିଟନାର ପଶ୍ଚିମ-ଉତ୍ତରପଶ୍ଚିମରେ ୧୨ କିଲୋମିଟର ଦୂର ସହରରୁ ପ୍ରାୟ ୧୦୮ କିଲୋମିଟର ଉତ୍ତର-ପଶ୍ଚିମରେ ଅବସ୍ଥିତ ଥିଲା । ଭୂମିକମ୍ପ ଝଟକା ଲାଗିବା ପରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳାଯାଇଥିଲା । ଭୟରେ ଲୋକ ଘରୁ ବାହାରକୁ ଚାଲି ଆସିଥିବା ଦେଖିବାକୁ ମିଳିଥିଲା । କିନ୍ତୁ କୌଣସି ବଡ଼ କ୍ଷତି ହୋଇଥିବା ରିପୋର୍ଟ ମିଳିନାହିଁ । ଆମେରିକା ସୁନାମୀ ଚେତାବନୀ ଅନୁସାରେ ସୁନାମୀର କୌଣସି ଆଶଙ୍କା ନାହିଁ । ଟଝଏଝ ଅନୁଯାୟୀ, ଆଲାସ୍କା ଆମେରିକାର ସବୁଠାରୁ ଭୂମିକମ୍ପ-ପ୍ରବଣ ରାଜ୍ୟ ଏବଂ ବିଶ୍ୱର ସବୁଠାରୁ ଭୂମିକମ୍ପ ସକ୍ରିୟ ଅଞ୍ଚଳ ମଧ୍ୟରୁ ଗୋଟିଏ । ଏହି ରାଜ୍ୟ ପ୍ରାୟ ପ୍ରତି ବର୍ଷ ୭ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥାଏ ।

୪ ବର୍ଷରେ ସବୁଠାରୁ ବଡ଼ ଭୂମିକମ୍ପ- ୟୁଏସଜିଏସ କହିଛି ଯେ, ଭୂମିକମ୍ପରେ ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନିର ରିପୋର୍ଟ ମିଳିନାହିଁ । ଯୁକ୍ତରାଷ୍ଟ୍ର ସୁନାମୀ ସତର୍କତା ପ୍ରଣାଳୀ ସ୍ପଷ୍ଟ କରିଛି ଯେ, ଭୂମିକମ୍ପରୁ କୌଣସି ସୁନାମୀ ବିପଦ ନାହିଁ । ଆଲାସ୍କା ଅଞ୍ଚଳକୁ ବିଶ୍ୱର ସବୁଠାରୁ ଭୂମିକମ୍ପ ପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ଭୂମିକମ୍ପ ୨୦୨୧ ପରଠାରୁ ଦକ୍ଷିଣ ମଧ୍ୟ ଆଲାସ୍କାରେ ହୋଇଥିବା ସବୁଠାରୁ ତୀବ୍ର ଭୂମିକମ୍ପ ।

## ଡଷ୍ଟବିନରେ ମା' ମାଣିକେଶ୍ୱରୀଙ୍କ ଫଟୋ ଲଗାଇବା ବନ୍ଦ ପାଇଁ ଦାବି

**ଭବାନୀପାଟଣା:** କଳାହାଣ୍ଡିବାସୀଙ୍କ ଆତ୍ମା, ଆସ୍ଥା ଓ ସାଂସ୍କୃତିକ ପରିଚୟର ପ୍ରତୀକ ମା' ମାଣିକେଶ୍ୱରୀ କିନ୍ତୁ ଭବାନୀପାଟଣା ପୌର ପରିଷଦ ଯାହା କରିଛି ସେହି କାର୍ଯ୍ୟ କେବଳ ଅନୁଚିତ ନୁହେଁ, କଳାହାଣ୍ଡିର ଆସ୍ଥାକୁ ଅପମାନ କରିବାର ଗଭୀର ଚେଷ୍ଟା । ସହରର ଡଷ୍ଟବିନ୍‌ରେ ମା' ମାଣିକେଶ୍ୱରୀଙ୍କ ଫୋଟୋ ଲଗାଇବା ଧାର୍ମିକ ଭାବନାର ଅପମାନ ଓ ଭକ୍ତଙ୍କ ଆସ୍ଥା ଉପରେ କୁଠାରଘାତ ସମାନ ।କଳାହାଣ୍ଡି ବାସୀଙ୍କ ଆତ୍ମା ମାଁ ମାଣିକେଶ୍ୱରୀ ଙ୍କ ମନ୍ଦିର କୁ ଡଷ୍ଟବିନ ସହ ଯୋଡ଼ିବାର ଅର୍ଥ କେଉଁ ସନ୍ଦେଶ ଦେଉଛି ? ମା' ମାଣିକେଶ୍ୱରୀଙ୍କ ଫୋଟୋକୁ ଡଷ୍ଟବିନ୍‌ରୁ ତତ୍କାଳ ଅପସାରଣ କରାଯାଉ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଏହି ଅପମାନଜନକ କାର୍ଯ୍ୟର ଦାୟୀ କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଏବଂ ଭବାନୀପାଟଣା ପୈରପରିଷଦ ପକ୍ଷରୁ ସମସ୍ତ କଳାହାଣ୍ଡିବାସୀଙ୍କ ଭାବନାକୁ ସମ୍ମାନ କରି ସାର୍ବଜନୀନ କ୍ଷମାପ୍ରାର୍ଥନା ଜାରି କରାଯିବା ସହ ଆଗାମୀ ଦିନରେ ଏପରି ଧାର୍ମିକ ଅସମ୍ବେଦନଶୀଳ କାର୍ଯ୍ୟ ପୁଣି କେବେ ବି ନ ଘଟିବ ବୋଲି ଲିଖିତ ଆଶ୍ୱାସନ ଦିଆଯାଉ ।

## ଜିଲ୍ଲାପାଳଙ୍କ ଦ୍ୱାରା ଶିଶୁ ଝୁଲଣା କେନ୍ଦ୍ର ଉଦ୍‌ଘାଟିତ

**ବଲାଙ୍ଗିର:** ବଲାଙ୍ଗୀର ଜିଲ୍ଲାର ପାଲେସ ଲାଇନ ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ମଙ୍ଗଳ ପାଠାଗାର,ସାଲେପାଲି ର ଆୟୋଜନ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଡକ୍ଟର ଅନୁପମା ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ ଓ୍ୱାରଙ୍କ ଦ୍ୱାରା ଶିଶୁ ଝୁଲଣ । କେନ୍ଦ୍ର ଉଦ୍ ଘାଟିତ ହୋଇଯାଇଛି ।ଏ ହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଅବାଞ୍ଛିତ ଶିଶୁ ମାନଙ୍କୁ ଅସୁରକ୍ଷିତ ସ୍ଥାନରେ ପରିତ୍ୟାଗ କରି ସେମାନଙ୍କୁ ଏହି ଝୁଲଣ କେନ୍ଦ୍ର ସୁରକ୍ଷିତ ପାଳନରେ ରହି ଶିଶୁ ର ଜୀବନ ବଞ୍ଚାଇବା ।

## କୋଟପାଡ଼ରେ ଏନଏସିସ୍ତରୀୟ ପରବର ଶୁଭ ଉଦଘାଟନ

**ଜୟପୁର:** କଳା, ସଂସ୍କୃତି ଓ ଐତିହ ର ଅପୂର୍ବ ମିଳନ ହେଉଛି କୋରାପୁଟ ଜିଲ୍ଲାର ଲୋକ ମହୋତ୍ସବ ପରବ ।ଲୁକାୟିତ ପ୍ରତିଭା ଅନ୍ୱେଷଣ ପରବର ମୁଖ୍ୟ ଉଦେଶ୍ୟ । ଜିଲ୍ଲା ସ୍ତରୀୟ ପରବ କୋରାପୁଟ ଠାରେ ହେବାକୁ ଥିବାବେଳେ ଆଜି କୋଟପାଡ଼ ଠାରେ ଏନଏସି ସ୍ତରୀୟ ପରବର ଶୁଭ ଉଦଘାଟନ ହୋଇଯାଇଛି । ଉଦଘାଟନୀ ଉତ୍ସବରେ କୋଟପାଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ମାଉଳିଙ୍କ ପାଖରେ ପୂଜାର୍ଚ୍ଚନା ପରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ମା' ମାଉଳି ଙ୍କ ମନ୍ଦିର ଠାରୁ ବାହାରି କୋଟପାଡ଼ ଭୈରବ ପଡ଼ିଆ ଠାରେ ପହଞ୍ଚିଥିଲା । ଅନୁଷ୍ଠାନିକ ଭାବେ ପରବ ପତାକା ଉତୋଳନ ପରେ ବିଭିନ୍ନ ଖେଳ କୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏନଏସି ପରବ ମଞ୍ଚରେ କୋଟପାଡ଼ ନଭେମ୍ବର ୨୬ ରୁ ୨୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏନଏସି ସ୍ତରୀୟ ପରବ ପ୍ରତିଯୋଗିତାରେ ଖେଳ କୁଦ ସହ, କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ, ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜିତ ହେବ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟକ ରୁପୁ ଭତରା ଯୋଗ ଦେଇଥିଲେ ।

# ତେଜସ୍ୱୀଙ୍କ କୋର୍ ଟିମ୍ ଉପରେ ପ୍ରଶ୍ନ କଲେ ପରାଜିତ ପ୍ରାର୍ଥୀ



**ପାଟନା:** ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡିର ଶୋଚନୀୟ ପରାଜୟ ହୋଇଛି । ଦଳ କଂଗ୍ରେସର ମହାଗଠବନ୍ଧନରେ ନିର୍ବାଚନ ଲଢ଼ିଥିଲା । କିନ୍ତୁ ଭୋଟର ମହାଗଠବନ୍ଧନକୁ ପ୍ରତ୍ୟାଖାନ କରିଥିଲେ । ୨୦୧୫ ଏବଂ ୨୦୨୦ରେ

**ଆରଜେଡିରେ ବିଦ୍ରୋହ !**

ଦଳ ସବୁଠୁ ଅଧିକ ଆସନରେ ବିଜୟୀ ହୋଇଥିଲା । ଏଥର କିନ୍ତୁ ମଇଦାନରେ ସେମିତି ସ୍ଥିତି ନଥିଲା । ନିର୍ବାଚନ ପରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ଘରେ ଫାଟ ଜଳଜଳ ଦେଖାଯାଇଥିଲା । ପରିବାରର ଲୋକେ ପରସ୍ପର ଉପରେ ଦୋଷାରୋପ କରିଥିଲେ ।

ପରାଜୟ ପରେ ଦଳ ଲଗାତାର ଭାବେ କାରଣ ଖୋଜୁଛି । ବାରମ୍ବାର ସମୀକ୍ଷା ବୈଠକ ହେଉଛି । ତେବେ ବୈଠକରେ ଆରଜେଡିର ଅନେକ ଅବ୍ୟବସ୍ଥା ସାମ୍ନାକୁ ଆସିଛି । ନିକଟରେ କିଛି ପରାଜିତ ପ୍ରାର୍ଥୀ ମହାଗଠବନ୍ଧନ ଏବଂ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଥିବା ତେଜସ୍ୱୀ ଯାଦବଙ୍କ କୋର୍ ଟିମ୍ ଉପରେ ବର୍ଷିଛନ୍ତି । ମହାଗଠବନ୍ଧନରେ ସାମିଲ ଥିବା କିଛି ଦଳଙ୍କୁ ମଧ୍ୟ ସେମାନେ ଟାର୍ଗେଟ୍ କରିଛନ୍ତି ।

ସେମାନେ ଅଭିଯୋଗ କରିଛନ୍ତି ଯେ, ଆରଜେଡି ପ୍ରାର୍ଥୀଙ୍କୁ କଂଗ୍ରେସ ଏବଂ ବାମଦଳଠୁ ଆଶାନୁରୂପ ସହଯୋଗ ମିଳିନଥିଲା । ଦଳ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହୋଇଥିଲା । ତେଜସ୍ୱୀଙ୍କ କୋର୍ ଟିମର କିଛି ନେତା ସଠିକ ଢଙ୍ଗରେ ନିର୍ବାଚନ ପରିଚାଳନା କରିପାରିନଥିଲେ । ଯାହାର ପ୍ରଭାବ ମତଦାନ ଉପରେ ପଡିଥିଲା ଏବଂ ଦଳକୁ ପରାଜୟର ସାମ୍ନା କରିବାକୁ ହୋଇଥିଲା ।

ସୂଚନାଯୋଗ୍ୟ, ନିର୍ବାଚନ ପରାଜୟ ପରେ ପ୍ରତିଦିନ ଆରଜେଡିର ସମୀକ୍ଷା ବୈଠକ ହେଉଛି । ଏଥିରେ ହାରୁ ପ୍ରାର୍ଥୀମାନେ କେଉଁଥିପାଇଁ ପରାସ୍ତ ହେଲେ ତାହାର ବିବରଣୀ ପ୍ରଦାନ କରୁଛନ୍ତି । ଏହି ପ୍ରକ୍ରିୟା ଡିସେମ୍ବର ଯାଏଁ ଚାଲିବ ବୋଲି ସୂଚନା ମିଳିଛି ।

# ଅମରାବତୀରେ ନିର୍ମାଣ ହେବ ତିରୁମାଲା ଭଳି ଭବ୍ୟ ଭେଙ୍କଟେଶ୍ୱର ମନ୍ଦିର



**ନୂଆଦିଲ୍ଲୀ:** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଅମରାବତୀର ଭେଙ୍କଟପାଲେମରେ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ କରିଛନ୍ତି । ତିରୁମାଲା ମନ୍ଦିର ଅନୁରୂପ ୨୬୦ କୋଟି ଟଙ୍କା ବ୍ୟୟରେ ମନ୍ଦିରର ସମ୍ପ୍ରସାରଣ କରାଯିବ । ଏହି ପ୍ରକଳ୍ପ ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

**ଚନ୍ଦ୍ରବାବୁଙ୍କ ବଡ ଯୋଜନା**

ଗୁରୁବାର ଦିନ, ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଅମରାବତୀର ଭେଙ୍କଟପାଲେମ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରର ଏକ ପ୍ରମୁଖ ସମ୍ପ୍ରସାରଣ ପାଇଁ ଶିଳାନ୍ୟାସ କରିଛନ୍ତି । ତିରୁମାଲା ମନ୍ଦିର ଅନୁରୂପ ଏହି ପ୍ରକଳ୍ପ ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୪୦ କୋଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପରେ ଏକ ସାତ ମହଲା ବିଶିଷ୍ଟ ରାଜଗୋପୁରମ, ଏକ ପୁଷ୍କରିଣୀ, ଏକ ଅନ୍ନଦାନମ କମ୍ପ୍ଲେକ୍ସ, ଏକ ବିଶ୍ରାମ ଗୃହ ଏବଂ ଏକ ବଡ଼ ପାର୍କିଂ ସ୍ଥାନ ଅନ୍ତର୍ଭୁକ୍ତ ହେବ ।

ମୁଖ୍ୟମନ୍ତ୍ରୀ ତିରୁମାଲା ମନ୍ଦିର ଧାରାରେ ମନ୍ଦିରକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ଘୋଷଣା କରିଛନ୍ତି ଏବଂ ଅଢ଼େଇ ବର୍ଷ ସମୟସୀମା ଧାର୍ଯ୍ୟ କରିଛନ୍ତି । ଚନ୍ଦ୍ରବାବୁ ନାଇଡୁ ଭାବପ୍ରବଣ ଭାବରେ ମନ୍ତବ୍ୟ ଦେଇଥିଲେ, 'ଭଗବାନ ଭେଙ୍କଟେଶ୍ୱରଙ୍କ କୃପା ଯୋଗୁଁ ଅମରାବତୀ ରାଜଧାନୀ ହୋଇଥିଲା, ଏବଂ ଏବେ ଏହା ଆଧାତ୍ମିକ ରାଜଧାନୀ ମଧ୍ୟ ହେବ ।' ମୁଖ୍ୟମନ୍ତ୍ରୀ ନାଇଡୁ କହିଥିଲେ ଯେ ଅମରାବତୀ ଦେବତାମାନଙ୍କର ରାଜଧାନୀ ଏବଂ ଆମର ରାଜଧାନୀ ହୋଇ ରହିବ । ପ୍ରଭୁ ଭେଙ୍କଟେଶ୍ୱରଙ୍କ ଆଶୀର୍ବାଦ ସହିତ, ଆମେ ୨୦୧୯ରେ କୃଷ୍ଣା ନଦୀ କୂଳରେ ୨୫ ଏକର ଜମି ଆବଣ୍ଟନ କରି ଏହି ମନ୍ଦିରର ନିର୍ମାଣ ଆରମ୍ଭ କରିଥିଲୁ ।

## ବସ୍ ଦୁର୍ଘଟଣାରେ ଜଣେ ମୃତ, ୧ ଆହତ

**ଭଦ୍ରକ:** ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥ ଛୟାଳସିଂହ ପଚାଂୟତ ହାଟଡିହୀ ଛକ ନିକଟରେ ବସ୍ ଦୁର୍ଘଟଣାରେ ଟିଲୋ ମାଳିସାହିର ପଦ୍ମନାଭ ସାହୁଙ୍କ ପୁତ୍ର ସ୍ମୃତିରଞ୍ଜନ (୨୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ସତ୍ୟ ବରାଳ (୨୦) ଗୁରୁତର ଆହତ ହୋଇଛନ୍ତି । ସତ୍ୟ ବରାଳଙ୍କୁ ଗୁରୁତ୍ୱର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପ୍ରକାଶଯେ ବାବା ବିଶ୍ୱନାଥ ନାମକ ଏକ ଘରୋଇ ବସ ଆନନ୍ଦପୁର ପଟୁ ଯାତ୍ରୀ ନେଇ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଟିଲୋ ଅଂଚଳର ଦୁଇ ଯୁବକ ମୋଟରସାଇକେଲ୍ ଯୋଗେ ଭଦ୍ରକ ଆଡକୁ ଯାଉଥିଲେ । ଯୁବକଙ୍କ ସାମନାକୁ ଏକ ଷଣ୍ଢ ହଠାତ୍ ଆସିବା ହେତୁ ମୋଟରସାଇକେଲ୍ ଚାଳକ ଜଣକ ଷଣ୍ଢଟିକୁ ଧକ୍କା ଦେଇ ବସ ଚକ ତଳକୁ ଚାଲି ଆସିଥଲେ । ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ପଛରେ ବସିଥିବା ଯୁବକ ଜଣକ ଅଳ୍ପକେ ବର୍ତ୍ତିଯିବା ସହ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଏନେଇ

**ଘଟଣା ସ୍ଥଳରେ ରାସ୍ତାରୋକ**

ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ଟାୟାର ଜାଳି ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ । ଖବରପାଇ ବନ୍ତ ଥାନାଧିକାରୀ ମୋନାଲିସା କର, ତହସିଲ୍‌ଦାର ପ୍ରସନ୍ନ କୁମାର ମହାନ୍ତି, ସ୍ଥାନୀୟ ସରପଚଂ ପ୍ରତିନିଧି ସନ୍ତୋଷ ନାୟକ, ଖଗେଶ୍ୱର ବେହେରା ପ୍ରମୁଖ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାର ୨ ଘଂଟା ପରେ ରାସ୍ତା ଅବରୋଧ ହଟିଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ଥିବା ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ମୃତ ଯୁବକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି ।

# ଟ୍ରେଡିଂରେ ୩୫ କୋଟି ହରାଇଲେ ବୃଦ୍ଧ

**ମୁମ୍ବାଇ:** ମୁମ୍ବାଇର ଜଣେ ୭୨ ବର୍ଷୀୟ ବୃଦ୍ଧ ଟ୍ରେଡିଂ ସ୍କାମରେ ୩୫ କୋଟି ହରାଇଛନ୍ତି । ଏହି ଘଟଣା ତାଙ୍କୁ ଭୟଙ୍କର ମାନସିକ ଆଘାତ ଦେଇଛି । ଦୀର୍ଘ ୪ ବର୍ଷ ଧରି ତାଙ୍କ ସହିତ ସ୍କାମ୍ ହେଉଥିବା ବେଳେ ଏ ନେଇ ସେ ଅଜ୍ଞ ଥିଲେ । ମାତୁଙ୍ଗା ୱେଷ୍ଟ୍ ବାସିନ୍ଦା ଭାରତ ହରକଚନ୍ଦ ଶାହ ପୁଲିସକୁ ଅଭିଯୋଗ କରିଛନ୍ତି, ଗ୍ଲୋବାଲ କ୍ୟାପିଟାଲ ମାର୍କେଟ୍ ଲିଃ. ନାମକ ଏକ ବ୍ରୋକରେଜ୍ ସଂସ୍ଥା ଦୀର୍ଘ ୪ ବର୍ଷରୁ ଅଧିକ ସମୟ ଧରି ବିନା ଅନୁମତିରେ ଟ୍ରେଡିଂ ନିମନ୍ତେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ଆକାଉଣ୍ଟର ସାହାଯ୍ୟ ନେଇଥିଲା ।

୧୯୮୪ ମସିହାରେ ବାପାଙ୍କ ଦେହାନ୍ତ ପରଠୁ ଶାହ ପତ୍ନୀଙ୍କ ସହିତ ମିଶି କର୍କଟ ରୋଗୀଙ୍କ ପାଇଁ କମ୍ ଭଡ଼ାରେ ଏକ ଗେଷ୍ଟ୍ ହାଉସର ପରିଚାଳନା କରୁଛନ୍ତି । କିନ୍ତୁ ଷ୍ଟକ୍ ମାର୍କେଟ୍ ବିଷୟରେ ଦମ୍ପତିଙ୍କର ଆଦୌ ଧାରଣା ନ ଥିବାରୁ ସେମାନେ କଦାପି



ସକ୍ରିୟ ଟ୍ରେଡିଂ କରିନଥିଲେ । ୨୦୨୦ ମସିହାରେ ଶାହଙ୍କ ସହିତ ଟ୍ରେଡିଂ ଠକେଇ ଆରମ୍ଭ ହୋଇଥିଲା । ଜଣେ ବନ୍ଧୁଙ୍କ ପରାମର୍ଶରେ ଶାହ ନିଜ ପାଇଁ ଓ ପତ୍ନୀଙ୍କ ପାଇଁ ଗ୍ଲୋବ୍ କ୍ୟାପିଟାଲ ମାର୍କେଟ୍ସ ଲିଃ. ସହିତ ଏକ ଡିମାଟ୍ ଓ ଟ୍ରେଡିଂ ଆକାଉଣ୍ଟ୍

◆ **ବନ୍ଧୁଙ୍କ ପରାମର୍ଶ ଖୋଲିଥିଲେ ଆକାଉଣ୍ଟ**

◆ **୪ ବର୍ଷଧରି ଠକେଇର ଶିକାର ହେଉଥିଲେ**

ଖୋଲିଥିଲେ । ନିଜର ପୈତୃକ ଶେୟାର କମ୍ପାନିକୁ ଶେୟାର କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ପାନି ସହ ବାର୍ତ୍ତାଳାପ ସିଧାସଳଖ ଥିଲା । କମ୍ପାନିର ପ୍ରତିନିଧିମାନେ ନିୟମିତ ଶାହଙ୍କୁ ସମ୍ପର୍କ କରି ଅନେକ ଆଶ୍ୱାସନା ଦେଇଥିଲେ । ଟ୍ରେଡିଂ ପାଇଁ କୌଣସି ଅତିରିକ୍ତ ନିବେଶ ଆବଶ୍ୟକ ହେବ ନାହିଁ ଏବଂ ସେହି ଶେୟାର୍ସବୁକୁ କୋଲାଟରାଲ୍ ଭାବେ ଉପଯୋଗ କରି ସୁରକ୍ଷିତ ଟ୍ରେଡିଂ କରାଯାଇ ପାରିବ ବୋଲି ସେମାନେ ତାଙ୍କୁ କହିଲେ ।

ସେମାନେ ଆହୁରି କହିଲେ ଯେ କମ୍ପାନି ଦ୍ୱାରା ତାଙ୍କୁ ବ୍ୟକ୍ତିଗତ ମାର୍ଗଦର୍ଶନ ପ୍ରଦାନ କରାଯିବ । ଏହି ଆଳରେ ଅକ୍ଷୟ ବରିୟା ଓ କରନ ସିରୋୟା ନାମକ ଦୁଇଜଣ କର୍ମଚାରୀଙ୍କୁ ଶାହଙ୍କ ପୋର୍ଟଫୋଲିଓ ପରିଚାଳନା ଦାୟିତ୍ୱରେ ରଖାଗଲା । ସେମାନେ ଶାହ ଦମ୍ପତିଙ୍କ ଆକାଉଣ୍ଟକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଲେ । ଶାହଙ୍କ ଅଭିଯୋଗ ଅନୁସାରେ, ମାମଲା ଖୁବ୍‌ଶୀଘ୍ର ଗମ୍ଭୀର ହେବାକୁ ଲାଗିଲା । ଦୁଇ ପ୍ରତିନିଧି ପ୍ରଥମେ ତାଙ୍କୁ ପ୍ରତିଦିନ ଫୋନ୍ କରୁଥିଲେ ଏବଂ କେଉଁ ଅର୍ଡର୍ କରିବାକୁ ହେବ, ସେ ବିଷୟରେ ନିର୍ଦ୍ଦେଶ ଦେଉଥିଲେ । ଏହା ପରେ ସେମାନେ ତାଙ୍କ ଘରକୁ ଆସିବା ଏବଂ ତାଙ୍କ ଲାପଟପରୁ ଇମେଲ୍ ପଠାଇବା ଆରମ୍ଭ କଲେ । ତାଙ୍କୁ ବହଲାଇ ସମସ୍ତ ଆବଶ୍ୟକ ସୂଚନା ସେମାନେ ନେଇଥିଲେ ।

## ରାଶିଫଳ

**ମେଷ:** ତୃତୀୟଚନ୍ଦ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ସାହାଯ୍ୟ, ସହଯୋଗ ମିଳିବ । ସୁଖବର, ସୁସମ୍ବାଦ ପ୍ରାପ୍ତିହେବ ଏବଂ ସମସ୍ତକର୍ମରେ ସୁଚିନ୍ତିତ ପଦକ୍ଷେପ ନେବେ ।

**ବୃଷ :** କୃଷ୍ଣ ପକ୍ଷର ଦ୍ୱିତୀୟଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର କଲାବେଳେ ସତର୍କ ହେବେ । ଧନକୁ ନେଇ ବିବାଦ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ଅସମର୍ଥ ହେବେ ।

**ମିଥୁନ :** ଶ୍ରୀଚନ୍ଦ୍ର, ଶୁକ୍ରବାର ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତିହେବ । ଆମୋଦ ପ୍ରମୋଦ ଏବଂ ମଉଜମଜଲିସ୍‌ରେ ଅଧିକ ଆଗ୍ରହ ରହିବ ।

**କର୍କଟ :** ଦ୍ୱାଦଶଚନ୍ଦ୍ର ଯୋଗୁ ମନରୁ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ଲୋପ ପାଇବ ଏବଂ ଅଯଥା ଖର୍ଚ୍ଚ, ବଦ୍‌ଖର୍ଚ୍ଚ ଓ ପରିବାରର ଖର୍ଚ୍ଚ ଭାର ଅପେକ୍ଷାକୃତ କମ୍‌ରହିବ । କୁସଙ୍ଗ ପରିତ୍ୟାଗ କରି ସତ୍‌ସଙ୍ଗ କରିବେ ଏବଂ ଅନୁଚିତ୍ କର୍ମରୁ ବିଚ୍ୟୁତ ହୋଇ ଉଚିତ୍‌କର୍ମରେ ମନୋନିବେଶ କରିବେ ।

**ସିଂହ :** ଏକାଦଶ ଚନ୍ଦ୍ର ଯୋଗୁ ଆୟର ମାର୍ଗ ଅତି ଉତ୍ତମ ରହିବ ଏବଂ ନୂତନ ଆୟର ପନ୍ଥା ଖୋଲିବ । ଅନ୍ୟକୁ ଦେଇଥିବା ଧନ ଆଦାୟ ହେବ ଏବଂ ବକେୟା ଧନ ଆଦାୟ ହେବାରେ ସମୟ ସହାୟକ ହେବ । ନୂତନ ଭୂମି, ଯାନବାହନ କ୍ରୟକରିବେ ।

**କନ୍ୟା :** ଘାତଚନ୍ଦ୍ର, ଘାତତିଥି ଏବଂ ରାହୁଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ବାଦବିବାଦ, ସ୍ୱାସ୍ଥ୍ୟ, ଯାନବାହନ ଆରୋହଣ ଏବଂ ଯେକୌଣସି କର୍ମକରିବା ପୂର୍ବରୁ ସତର୍କ ହେବେ । ଉଚିତ୍‌କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ ।

**ତୁଳା:** କୃଷ୍ଣପକ୍ଷର ନବମ ଚନ୍ଦ୍ର ଯୋଗୁ ମାନସମ୍ମାନ, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର, ନିଜର ପ୍ରିୟବନ୍ଧୁ କିମ୍ବା ପୁରାତନ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ । ମନ ଅସ୍ଥିର ରହିବ ଏବଂ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ।

**ବିଛା :** ଅଷ୍ଟମଚନ୍ଦ୍ର, ସକାଳ ୬ଟା ୩୫ ମିନିଟ୍ ପରେ ଅଷ୍ଟମୀତିଥି ଏବଂ ଘାତବାର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଧନ କ୍ଷତି, ମାନସିକ ଅସ୍ଥିରତା ଏବଂ ଶାରୀରିକ ପୀଡ଼ା ଭୋଗିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟତୁଳନାରେ ବଦଖର୍ଚ୍ଚ ଅଧିକ ହେବ ।

**ଧନୁ :** ଘାତବାର ଏବଂ ସପ୍ତମଚନ୍ଦ୍ର ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ମୂଲ୍ୟବାନ ଧାତୁ, ବସନଭୂଷଣ ଏବଂ ଘରୋଇ ଉପକରଣ କ୍ରୟ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟଉତ୍ତମ ହେବ ।

**ମକର :** ଷଷ୍ଠଚନ୍ଦ୍ର, ଛଅ ତାରିଖ, ଅଷ୍ଟମୀତିଥି ଏବଂ ଶୁକ୍ରବାର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହବନ୍ଧୁତା ଏବଂ ସମସ୍ତକର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ ।

**କୁମ୍ଭ :** କୃଷ୍ଣପକ୍ଷର ପଞ୍ଚମ ଚନ୍ଦ୍ର, ଘାତ ନକ୍ଷତ୍ରଯୋଗୁ ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଏବଂ ଦୂରଦୃଷ୍ଟି ଲୋପ୍ ପାଇବ । ମନ ବିଷାଦଗ୍ରସ୍ତ, ଚାପଗ୍ରସ୍ତ ରହିବ ।

**ମୀନ :** ଚତୁର୍ଥ ଚନ୍ଦ୍ର, ଘାତବାରଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ରହିବ ଏବଂ ନିଜର ଲୋକଙ୍କ ସହ ବିବାଦ କିମ୍ବା ମତାନ୍ତର ହୋଇପାରେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ନୂତନ ପରିବହନ ବ୍ୟବସାୟର ସୁଯୋଗ ଜୁଟିବ ।କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପା ଲାଭ କରିବେ ।

# ମାତୃଭାଷା

କଟକ, ଶନିବାର, ନଭେମ୍ବର - ୨୯, ୨୦୨୫ ପୃଷ୍ଠା: ୪


## ଭାରତରେ ଜେନ୍- ଜି'ମାନଙ୍କର ବଲେ ବଲେ - ଲକ୍ଷ ଲକ୍ଷ ସଂଖ୍ୟକ ନିଯୁକ୍ତିର ଦ୍ୱାର ଖୋଲିବ

ଭାରତ ରୁଷଠାରୁ ତେଲ କିଣିବା ଆମେରିକାକୁ ଏତେ କ୍ରୋଧିତ କଲା ଯେ ସେ ଭାରତ ଉପରେ ଆଖିବୁଜା ଶୁଳ୍କ ବୋଝ ଲଦିଦେଲା । ସମସ୍ତେ ସେତେବେଳେ ଭାବିଥିଲେ ଯେ ଭାରତ ପରବର୍ତ୍ତୀ ସମୟରେ କ'ଣ କରିବ ? ଏହା କିପରି ତାର ଉର୍ଜା ଆବଶ୍ୟକତା ପୂରଣ କରିବ ? କିନ୍ତୁ ଛଅ ମାସ ବି ବିତିନାହି ଭାରତ ସରକାର ଏପରି ଚାଲ୍ ଚଲେଇଲେ ଯେ ଯାହାଫଳରେ ନା ରୁଷ-ଆମେରିକା ସନ୍ତୁଳନର ଟେନସନ୍ ରହିବ ନା ଶୁଳ୍କ ଲାଗୁର ଭୟ ରହିବ । କେବଳ ଏତିକି ନୁହେଁ,ଏହି ନିଷ୍ପତ୍ତି ଦେଶର ଜେନ୍- ଜି' ମାନଙ୍କୁ ଖୁସି କରିଦେବ । କାରଣ ମୋଦି ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଦେଶରେ ପରମାଣୁ ସେକ୍ଟରକୁ ଘରୋଇ ସେକ୍ଟର ଲାଗି ଖୋଲି ଦିଆଯିବା ଦ୍ୱାରା ଲକ୍ଷ ଲକ୍ଷ ନିଯୁକ୍ତିର ଦରଜା ଖୋଲିଯିବ ଏବଂ ଦେଶରେ ବହୁଳ ପରିମାଣରେ ବେକାରୀ ସମସ୍ୟାର ସମାଧାନ ହୋଇପାରିବ ଏବଂ ଆମର ଶକ୍ତି ଆବଶ୍ୟକତା ପୂରଣ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଘୋଷଣା କରିଛନ୍ତି ଯେ ପରମାଣୁ ସେକ୍ଟରକୁ ସରକାର ଘରୋଇ କ୍ଷେତ୍ର ପାଇଁ ଖୋଲିବାକୁ ଯାଉଛନ୍ତି । ଏହା ଛୋଟ ମଡ୍ୟୁଲାର ରିଆକ୍ଟର, ଉନ୍ନତ ରିଆକ୍ଟର ଏବଂ ପରମାଣୁ ଉଦ୍ଭାବନରେ ନୂତନ ସୁଯୋଗ ସୃଷ୍ଟି କରିବ । କେବଳ ଏତିକି ନୁହେଁ । ଭାରତୀୟ ଷ୍ଟାର୍ଟ-ଅପ୍, କର୍ପୋରେଟ୍ ଏବଂ ଉଚ୍ଚ-ସ୍ତରର କମ୍ପାନୀଗୁଡ଼ିକ ମଧ୍ୟ ପରମାଣୁ ରିଆକ୍ଟର, ଛୋଟ ମଡ୍ୟୁଲାର ରିଆକ୍ଟର, ଉନ୍ନତ ରିଆକ୍ଟର ଏବଂ ନୂତନ ପିଢ଼ିର ଉର୍ଜା ପ୍ରଯୁକ୍ତିବିଦ୍ୟା ଉପରେ କାମ କରିପାରିବେ । କୋଇଲା ଏବଂ ତେଲର ଅଭାବ ବିଦ୍ୟୁତ୍ ଉତ୍ପାଦନରେ ବାଧା ସୃଷ୍ଟି କରିବ ନାହିଁ । ନିଯୁକ୍ତି ସୃଷ୍ଟି ହେବ । ଏକ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ୍ ସୃଷ୍ଟି ହେବ । ନୂତନ ପ୍ରଯୁକ୍ତିବିଦ୍ୟା ଉଭା ହେବ ଯାହା ଭାରତର ଭବିଷ୍ୟତକୁ ଆକାର ଦେଇପାରିବ ।

ଏହାଦ୍ୱାରା ବିଦ୍ୟୁତ୍ ସୁରକ୍ଷା ସୁଦୃଢ଼ ହେବ । ଭାରତ ସ୍ଥିର, ନିରବଚ୍ଛିନ୍ନ ଏବଂ ବୃହତ ପରିମାଣର ବିଦ୍ୟୁତ୍ ଉତ୍ସ ପାଇବ । ବୈଦେଶିକ ନିର୍ଭରଶୀଳତା ହ୍ରାସ ପାଇବ । ତେଲ ଏବଂ ଗ୍ୟାସ ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ ପାଇବ, ରଣନୈତିକ ସ୍ୱାୟତ୍ତତା ବୃଦ୍ଧି ପାଇବ ।

ଦକ୍ଷତା ଏବଂ ବୈଜ୍ଞାନିକ କ୍ଷମତା ପରୋକ୍ଷ ଭାବରେ ସୁଦୃଢ଼ ହେବ । ଆମେ ଗବେଷଣା, ସାମଗ୍ରୀ ବିଜ୍ଞାନ ଏବଂ ବିକିରଣ ପ୍ରଯୁକ୍ତିବିଦ୍ୟାର ସୁବିଧା ପାଇବୁ ।

ଛୋଟ ରିଆକ୍ଟର ସ୍ଥାପନ ପାଇଁ କମ୍ ସମୟ ଏବଂ ସ୍ଥାନ ଆବଶ୍ୟକ ହୁଏ । ଭାରତ ବିଶ୍ୱ ବଜାରରେ ଏକ ଅଗ୍ରଣୀ ସ୍ଥାନ ହାସଲ କରିବ । ଭାରତ ଝଗଜ ଏବଂ ଉନ୍ନତ ରିଆକ୍ଟର ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିପାରିବ, ଏବଂ ଏହାକୁ ଉନ୍ନତ କରିବ ।

ସରକାରୀ ଭିତ୍ତିଭୂମି ସୀମିତ, ଏଣୁ ଏହା ଲାଗୁ ହେଲେ ଘରୋଇ କମ୍ପାନୀଗୁଡ଼ିକ ରିସ୍କ ନେଇ ଦ୍ରୁତ ଗତିରେ ନବସୃଜନ କରିପାରିବେ ।

ପ୍ରମୁଖ ନିବେଶ ସୁଯୋଗ: ଘରୋଇ ଏବଂ ବିଦେଶୀ ନିବେଶକମାନେ ପରମାଣୁ କ୍ଷେତ୍ରରେ ହଜାର ହଜାର କୋଟି କୋଟି ଡଲାର ନିବେଶ କରିପାରିବେ, ଯାହା ଋଡଓ ବୃଦ୍ଧି କରିବ ।

ଲକ୍ଷ ଲକ୍ଷ ନୂତନ ନିଯୁକ୍ତି: ଇଞ୍ଜିନିୟରିଂ, ଉତ୍ପାଦନ, ରୋବୋଟିକ୍ସ, ନିର୍ମାଣ ଏବଂ ସୁରକ୍ଷା ସମେତ ପ୍ରତ୍ୟେକ କ୍ଷେତ୍ରରେ ବିପୁଳ ନିଯୁକ୍ତି ସୃଷ୍ଟି ହେବ ।

ବିଦ୍ୟୁତ ଖର୍ଚ୍ଚ ହ୍ରାସ ପାଇବ: ଉତ୍ପାଦନ ଏବଂ ପ୍ରତିଯୋଗିତା ବୃଦ୍ଧି ପାଇବା ଫଳରେ ପରମାଣୁ ଶକ୍ତିର ମୂଲ୍ୟ ହ୍ରାସ ପାଇବ ।

ଶିଳ୍ପ ପାଇଁ ସୁଲଭ ବିଦ୍ୟୁତ୍: ଇସ୍ପାତ, ରାସାୟନିକ ପଦାର୍ଥ, ଇଓ ଡାଟା ସେଣ୍ଟର ଏବଂ ଋଠ ଚାର୍ଜିଂ ଗ୍ରୀଡ୍ ଭଳି ଶିଳ୍ପଗୁଡ଼ିକୁ ସୁଲଭ ବିଦ୍ୟୁତ୍ ମିଳିବ । ସବୁଜ ଶକ୍ତି ବଜାରରେ ନେତା: ସୁଲଭ, ସ୍ୱଚ୍ଛ ଶକ୍ତି ଭାରତକୁ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରିପାରିବ । ଉନ୍ନତ ରିଆକ୍ଟର ପ୍ରଯୁକ୍ତି ଦ୍ରୁତ ଗତିରେ ବିକଶିତ ହେବ । ଘରୋଇ କମ୍ପାନୀଗୁଡ଼ିକ ଥୋରିଅମ୍-ଆଧାରିତ ରିଆକ୍ଟର, ଏସଏମଆର ଏବଂ ଫ୍ୟୁଜନ୍ ସହଯୋଗ ଭଳି କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରିପାରିବେ ।

ଏଆଇ-ପରିଚାଳିତ ପରମାଣୁ ପ୍ଲାଣ୍ଟ ପ୍ରତିଷ୍ଠିତ ହେବ । ସ୍ୱୟଂଚାଳିତ, ଇଓ ଏବଂ ରୋବୋଟିକ୍ସର ବ୍ୟବହାର ସୁରକ୍ଷା ଏବଂ ଦକ୍ଷତା ଉଭୟକୁ ବୃଦ୍ଧି କରିବ ।

ରେଡିଓଫାର୍ମାସ୍ୟୁଟିକାଲ୍ସ ଏବଂ ଚିକିତ୍ସା ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ ମିଳିବ । ଭାରତ କର୍କଟ ଚିକିତ୍ସା, ଚିକିତ୍ସା ଇମେଜିଂ ଏବଂ ଆଇସୋଟୋପ୍ ଉତ୍ପାଦନରେ ଏକ ପ୍ରମୁଖ ଖେଳାଳୀ ହୋଇପାରିବ ।ଆବର୍ଜନା ପରିଚାଳନାରେ ନୂତନ ପ୍ରଯୁକ୍ତିବିଦ୍ୟା ଉଭା ହେବ । ଘରୋଇ ଉଦ୍ଭାବନ ଦ୍ୱାରା ପରମାଣୁ ଅପଚୟ ହ୍ରାସ ଏବଂ ସୁରକ୍ଷା ପାଇଁ ପ୍ରଯୁକ୍ତିବିଦ୍ୟା ବିକଶିତ ହେବ । ସରକାରୀ ବୋଝ ହ୍ରାସ ପାଇବ । ପରମାଣୁ କେନ୍ଦ୍ରଗୁଡ଼ିକର ବିପୁଳ ଖର୍ଚ୍ଚ ଏବଂ ପରିଚାଳନା ଦାୟିତ୍ୱର ଏକ ଅଂଶ ଘରୋଇ କ୍ଷେତ୍ର ଗ୍ରହଣ କରିବ ।

# ହ୍ୱାଟ୍ସଅପ୍ ବାଣୀ

**ସିଦ୍ଧାର୍ଥ ମିଶ୍ର**

ପ୍ରତିଦିନ କିଛି କିଛି ଉପଦେଶ ଆମେ ହ୍ୱାଟ୍ସଅପ୍ ମାଧ୍ୟମରେ ଶୁଭେଚ୍ଛା ଆକାରରେ ପାଇଥାଉ । ଶୁଭେଚ୍ଛା ପଠାଉଥିବା ବ୍ୟକ୍ତିମାନେ ବେଳେ ବେଳେ ନିଜଠାରୁ ଅଭିଜ୍ଞତା ଓ ବୟସରେ ଯଥେଷ୍ଟ ବଡ଼ମାନଙ୍କୁ ମଧ୍ୟ ଉପଦେଶ ଦେବାକୁ ପଛାନ୍ତି ନାହିଁ । କହିବା ବାହୁଲ୍ୟ ଯେ ଏଇ ଅଯାଚିତ ଉପଦେଶ ସବୁ ପଠେଇବା ପରେ କାହାକୁ କି ଉପଦେଶ ପଠେଇଛନ୍ତି ତାହା ପ୍ରେରକର ମନେରହେ କି ନାହିଁ ଜଣା ନଥାଏ । ଆହୁରି ମଧ୍ୟ ଜାଣିବା କଠିନ ଯେ ପ୍ରେରକ ନିଜେ ସେହି ଉପଦେଶ ସବୁ ନିଜ ଜୀବନରେ ଅନୁଶରଣ କରନ୍ତି କି ନା ।

ବୋଧେ ଏହି ପ୍ରେରକ ମାନଙ୍କ ଧାରଣା ଯେ ହ୍ୱାଟ୍ସଅପ୍ କବଳିତ ପ୍ରତ୍ୟେକ ପାଠକ ସକାଳୁ ଉଠିଲେ ସମଗ୍ର ସମାଜରୁ ଏଇ ଅଯାଚିତ ଉପଦେଶ ସବୁ ପଢିବାକୁ କରିବାକୁ ବ୍ୟାକୁଳ ହୋଇ ରହିଛନ୍ତି । ତେଣୁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦାୟିତ୍ୱ ମନେକରି ବୟସ ନିର୍ବିଶେଷରେ ସମସ୍ତଙ୍କୁ ଶୁଭେଚ୍ଛା ଆଳରେ ଏସବୁକୁ ପଠେଇ ଚାଲନ୍ତି । ଏଭଳି ଶୁଭେଚ୍ଛା ମୂଳକ ଉପଦେଶ ସବୁ ପଢିବାପରେ ଆମେମାନେ ନିଜ ପ୍ରତିକ୍ରିୟା ଦମନ କରି ପଠେଇଥିବା ଲୋକର ମନରେ କଷ୍ଟ ନହେଉ ଭାବି ଚୁପ ରହୁ । ସୁନୋ ସବକୀ, କରୋ ମନକୀଞ୍ଚ ନ୍ୟାୟରେ ଏସବୁ ପଢିସାରି ନିଜ ଫୋନର ଅଯଥା ଭାର ଲାଘବ କରିବାକୁ ପ୍ରାୟତଃ ଲିଭାଇଦେଉ । ଉପଦେଶ ଦେବା ଓ ପାଳିବା ମଧ୍ୟରେ ଯେ ଅନେକ ଦୂରତ୍ୱ ଥିବା କଥା କିଏ ବା ନଜାଣେ । ହେଲେ ସୁଦ୍ଧା ଅନେକେ ସୁପ୍ରଭାତ ଜଣାଇବା ଆଳରେ ଉପଦେଶ ଦେବାକୁ ନିଜ ବ୍ୟକ୍ତିତ୍ୱର ଏକ ଆଭୁଷଣ ମନେକରନ୍ତି ।

ଏ ସନ୍ଦର୍ଭରେ ଗୋଟିଏ ରୋଚକ ଗଳ୍ପର ଅବତାରଣା କଲେ ଠିକ ବୁଝାଇ ହେବ । ଥରେ ରାମକୃଷ୍ଣ ପରମହଂସଙ୍କୁ ଜଣେ ବୃଦ୍ଧା ନିଜ ନାତିର ଅତ୍ୟଧିକ ମିଠା ଖାଇବାର ଦୁରଭ୍ୟାସ ଛଡ଼ାଇବାକୁ ଉପଦେଶ ଦେବାକୁ ଅନୁରୋଧ କଲେ । ରାମକୃଷ୍ଣ ଏକଥା ଶୁଣି ବୃଦ୍ଧାଙ୍କୁ ଏକମାସ ପରେ ନାତିକୁ ଆଣି ଦେଖା କରିବାକୁ କହିଲେ । କହିବା ମୁତାବକ ବୃଦ୍ଧା ଜଣକ ମାସକ ପରେ ପୁଣିଥରେ ରାମକୃଷ୍ଣଙ୍କ ନିକଟରେ ନାତିକୁ ନେଇ ପହଞ୍ଚିଲେ । ଏଥର ରାମକୃଷ୍ଣ ପିଲାଟିକୁ ମିଠା ନଖାଇବାକୁ ବୁଝାଇ ଉପଦେଶ ଦେଲେ ଏବଂ ପିଲାଟି ତାହା ପାଳନ ମଧ୍ୟ କଲା । ଏଥର ବୃଦ୍ଧା ନିଜର କୌତୁହଳ ସମ୍ବରଣ ନକରିପାରି ମାସେ ପରେ ଆସିବାକୁ କହିବାର କାରଣ ପଚାରିଲେ । ରାମକୃଷ୍ଣ କହିଲେ ପ୍ରଥମେ ମୁଁ ନିଜର ମିଠା ଖାଇବାର ଲାଳସା ପରିତ୍ୟାଗ କରିବାକୁ ଏକମାସ ସମୟ ନେଇଥିଲି । କହିବା ତାତ୍ପର୍ଯ୍ୟ ହେଉଛି କୌଣସି ଉପଦେଶ ଦେବା ଆଗରୁ ନିଜ ଜୀବନରେ ତାହା ଅନୁପାଳନ କଲେହିଁ ପ୍ରଭାବୀ ହୁଏ । ସେଥିପାଇଁ ଇଂରାଜୀରେ ଗୋଟେ କଥା ଅଛି practice before you preach । ନିଜଠାରୁ ଯେଉଁମାନେ ବୟସରେ ସାନ ଏବଂ ଆପଣଙ୍କ ଉପଦେଶକୁ ସହୃଦୟତାର ସହ ଗ୍ରହଣ କରିବେ ବୋଲି ଭାବୁଛେ ତାଙ୍କୁହିଁ ଉପଦେଶ ଦେବା ଭଲ । ଅନ୍ୟମାନଙ୍କୁ ଏଥିରୁ ଦୁରେଇ ରଖିଲେ ସମ୍ପର୍କ ଭଲ ରହିବ ।

ସୁଜନେ ଏହା ଏକ ସାଧାରଣ ଲଘୁ ଆଲେଖ୍ୟ ମାତ୍ର । କାହାକୁ କଟାକ୍ଷ କରି ଲେଖା ଯାଇନାହିଁ । ବ୍ୟକ୍ତି ନିର୍ବିଶେଷରେ ଆମେ ସମସ୍ତେ ଜଣେ ଜଣେ ପ୍ରେରକ ଓ ପ୍ରାପକ । ତେଣୁ ଦୟାକରି କେହି ଦେହକୁ ନେବେନି ।

ଆର୍ଯ୍ୟପଲ୍ଲୀ, ଭୁବନେଶ୍ୱର, ୭୮୫୫୮୮୫୦୮୨

# କାନ ପାଇଁ ମୁଣ୍ଡବିନ୍ଧା

***ନାରାୟଣ ଚନ୍ଦ୍ର ବିଶ୍ୱାଳ***

ଶୀତ ବଢ଼ିଲାଣି, ଶୀତର ପ୍ରକୋପରେ ଅନେକଙ୍କର କାନବିନ୍ଧା ସମସ୍ୟା ଦେଖାଦେଇଥାଏ । ବିଶେଷକରି କାନ ପାଇଁ ମୁଣ୍ଡବିନ୍ଧା ଏକ ଅନ୍ୟତମ ଯନ୍ତ୍ରଣାଦାୟକ ଅନୁଭୂତି । କାନ ହେଉଛି ଶରୀରର ଏକ ସୂକ୍ଷ୍ମ ଅଂଶ । ଏଥିରେ କୌଣସି ଅଂଶ ଦୁର୍ବଳ ହେଲେ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼େ । ନିକଟରେ ବିଶେଷଜ୍ଞମାନେ ପ୍ରକାଶ କରିଥିବା କର୍ଣ୍ଣ ସମ୍ବନ୍ଧୀୟ ତଥ୍ୟ ଅନେକଙ୍କୁ ଚିନ୍ତାରେ ପକାଇଛି । ବିଶେଷଜ୍ଞଙ୍କ କହିବାନୁସାରେ କେତେକଙ୍କର ପ୍ରାୟବେଳେ ମୁଣ୍ଡ ବୁଲାଇଥାଏ । ଏହାର କାରଣ ହେଉଛି କାନରେ ଉପୁଜିଥିବା ଅସୁବିଧା । ଅନ୍ୟୂନ ୯୦ ପ୍ରତିଶତ ଲୋକ ଏହି କାନ ଅସୁବିଧା ପାଇଁ ମୁଣ୍ଡ ବୁଲାଇବାର ଶିକାର ହୋଇଥାନ୍ତି । କାନ ସଫା କରିବାବେଳେ ଡାକ୍ତର କିମ୍ବା ଅଭିଭାବକମାନେ ସ୍ପିରିଟ କି ହାଇଡ୍ରୋଜେନ୍ ପାରକ୍ସାଇଡ଼ର ବ୍ୟବହାର କରନ୍ତି । ଏହାର ପ୍ରୟୋଗ କିନ୍ତୁ କାନ ପାଇଁ କ୍ଷତିକାରକ । କାନ ବିନ୍ଧିବା, କାନ କୁଣ୍ଡାଇ ହେବା ଏବଂ କାନ ଭିତରେ ପାଣି ପଶିବାକୁ ଲୋକେ ହାଲ୍‌କାରେ ନିଅନ୍ତି । ହେଲେ ଏହାଦ୍ୱାରା ଜନ୍ମଜାତ ବଧିରତା, କାନର ପର୍ଦ୍ଦାରେ ଛିଦ୍ର ସୃଷ୍ଟି ହେବା ପରି ବିଭିନ୍ନ କର୍ଣ୍ଣରୋଗ ଦେଖାଯାଏ । ଫଳରେ ମୁଣ୍ଡ ବୁଲାଇଥାଏ । କାନ କୁଣ୍ଡାଇ ହେଉ କି ପାଣି ପଶିବା ଫଳରେ କାନରେ ମଇଳା ଜମି କରି ହେଉ । ଏହାପରେ କାନକୁ ଭଲ ଶୁଣାଯାଏନା । କାନ ମଧ୍ୟରେ ଥିବା ସିଟୋମିନ୍ ନାମକ ପଦାର୍ଥଟି କାନରୁ ମଇଳା ବାହାର କରିବାରେ ସହାୟ ହୁଏ । ଯଦି ଏହା କମ୍ ନିର୍ଗତ ହୁଏ କି ବନ୍ଦ ହୋଇଯାଏ ତେବେ ମଳି ଜମି କାନପର୍ଦ୍ଦା ବନ୍ଦ ହୋଇଯାଏ । ଏହା ସାଧାରଣତଃ ପିଲାମାନଙ୍କ କ୍ଷେତ୍ରରେ ଘଟିଥାଏ । ଏହାଦ୍ୱାରା ସେମାନଙ୍କୁ ଭଲଭାବେ ଶୁଭିନଥାଏ । କାନ କୁଣ୍ଡାଇହୁଏ । ଅଭିଭାବକମାନେ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତି ଲକ୍ଷଣ ଦେଖାଯାଉଥିବା ପିଲାଙ୍କୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରାଇବା ଉଚିତ । ନଚେତ୍ ଏହା ସେମାନଙ୍କ ମସ୍ତିଷ୍କକୁ ପ୍ରଭାବିତ କରିବ । ନିୟମିତ ନିଜର ଓ ପିଲାମାନଙ୍କର କାନ ସଫା କରିବା ଉଚିତ । ଯେତେବେଳେ ସେମାନେ କାନ ସମ୍ବନ୍ଧୀୟ କୌଣସି ଅଭିଯୋଗ ପାଉଛନ୍ତି, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

*ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*

# ପ୍ରତି ଓଡ଼ିଆଙ୍କ ଘର ମୁରବୀ : ମହାପ୍ରଭୁ ଶ୍ରୀଜଗନ୍ନାଥ

**କବୀର କୁମାର ଜେନା**

'ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ।।'

ବ୍ରାହ୍ମ ମୁହୂର୍ତ୍ତ, ବଡ଼ି ଭୋରୁ ଶଯ୍ୟାତ୍ୟାଗ ସମୟରୁ ହିଁ ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ସ୍ମରଣ କରି ତା'ର ଦିନଟି ଭଲରେ ଭଲରେ କଟେଇ ଦେବା ପାଇଁ ପ୍ରାର୍ଥନା କରିଥାଏ । ଆଉ ରାତିରେ ଶେଯକୁ ଗଲାବେଳେ ଦିନଟି ଭଲରେ ବିତିଥିବାରୁ ଭରା ଅନ୍ତରରେ କୃତଜ୍ଞତା ଜଣାଇ ଆଗତ ଦିନଟି ପାଇଁ କୃପା ଓ ସମ୍ଭାବନାର ପ୍ରାର୍ଥନା କରି ମଥାନତ ପ୍ରଣାମଟି ଜଣାଇ ବିଶ୍ରାମ ନେଇଥାଏ । ସତରେ ମହାପ୍ରଭୁଙ୍କୁ ନେଇ ହିଁ ଆମ ଜୀବନ । ସେ ହେଉଛନ୍ତି ଏ ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା, ପରିଚାଳକ ଏବଂ ରକ୍ଷକ । ସେ ହେଉଛନ୍ତି ଭାବର ଆଉ ଭକ୍ତିର ପୂର୍ଣ୍ଣବ୍ରହ୍ମ, ମହାପ୍ରଭୁ ଶ୍ରୀଜଗନ୍ନାଥ । ଯାହାଙ୍କୁ ଟିକିଏ ଆଖି ପୁରାଇ ଏହି ଚର୍ମନେତ୍ରକୁ ପୁଣ୍ୟତାରେ ଭରି ଦେବା ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଛୁଟୁଥାନ୍ତି ପୁରୀ ତାଙ୍କୁ ଦେଖିବା ମାତ୍ରେ ଆଖି ଯୁଗଳ ଲୋତକରେ ଭରି ଯାଏ ଆଉ ବାୟୁ ଠାରୁ ମଧ୍ୟ ଆହୁରି ହାଲକା ହୋଇଯାଏ ତନମନ । ସେହି କଳା ଶ୍ରୀମୁଖଙ୍କୁ ଟିକିଏ କୋଳାଗ୍ରତ କରିବାକୁ ସମସ୍ତଙ୍କର ଇଚ୍ଛା ହୋଇଥାଏ । ଆଉ ତାଙ୍କରି ବଡ଼ ବଡ଼ ଚକା ଆଖିର ସାଗରରେ ନିଜକୁ ହଜେଇ ଦେବା ପାଇଁ ଶ୍ରଦ୍ଧାଳୁଟି ଇପସିତ ପ୍ରାର୍ଥନା କରିଥାଏ ।

ସେ ହେଉଛନ୍ତି ଆମ ଓଡ଼ିଆଙ୍କ ଘର ମୁରବୀ, ସେ ହେଉଛନ୍ତି କୋଟି ବ୍ରହ୍ମାଣ୍ଡର ନିୟନ୍ତା ଓ ବ୍ରହ୍ମାଣ୍ଡ ନାଥ କରୁଣା ସାଗର ପୂର୍ଣ୍ଣବ୍ରହ୍ମ ପରମବ୍ରହ୍ମ ମହାପ୍ରଭୁ ଶ୍ରୀ ଜଗନ୍ନାଥ । ତାଙ୍କ ଦିବ୍ୟଲୀଳାର ମହିମା ବର୍ଣ୍ଣନା ତାଙ୍କ କୃପାର ଗୁଣ କୀର୍ତ୍ତନ ଯେତେ ଭଜନ ହେଉ ବା ଜଣାଣ, ସମର୍ପଣ ହେଉ ବା ଭକ୍ତି ଭାବରେ ନିଜକୁ ନିୟୋଜିତ ସେ ସବୁ ନିଅଣ୍ଟ ପଡ଼ିଯିବ । ତାଙ୍କ ମହିମା ବର୍ଣ୍ଣନା କରିବା ପାଇଁ କାହାର ବି ସାଧ ନାହିଁ । ସମ୍ଭବତଃ ଆମେ କେଉଁ ଜନ୍ମରେ କାଣିଚାଏ ସମ୍ଭବତଃ ପୁଣ୍ୟଫଳ ପ୍ରାପ୍ତ ହୋଇଥିଲେ ଯେ ତାଙ୍କୁ ଟିକିଏ ଦେଖିବା ପାଇଁ ତାଙ୍କ ସାନ୍ନିଧ ଟିକିଏ ଅନୁଭବ କରିବା ପାଇଁ । ପୁଣ୍ୟ ପାବନ ନିତ୍ୟ ବୈକୁଣ୍ଠ ଧାମ ପୁରୀ ଶ୍ରୀ ମନ୍ଦିର ଆମେ ଯିବା ପାଇଁ ସକ୍ଷମ ହୋଇପାରୁଛେ । ସେ ହେଉଛନ୍ତି ଭାବଗ୍ରାହୀ, ସେ ହେଉଛନ୍ତି ଭାବ ବିନୋଦିଆ କଳା ଠାକୁର ଯିଏ ଭକ୍ତର ଦୁଃଖର ଦୁଃଖି ଆଉ ଭକ୍ତର ସୁଖରେ ସୁଖୀ । ଯେତେ ଦୂର ହେଉ ବରଂ ଯେଉଁଠି ବି ଆଶ୍ରୀତ ଜଣଙ୍କ, ଭକ୍ତ ଜଣଙ୍କ ତାଙ୍କୁ ସମର୍ପଣ ହୃଦୟରେ କାତରରେ ଆକୁଳ ଭାବରେ ନିଜକୁ ସମର୍ପିତ କରି ନିଜ ଦୁଃଖ ବା ପୀଡ଼ା ଜଣାଇଥାଏ ସେ ତାକୁ ଦୂରୀଭୂତ କରିଥାନ୍ତି । ଭକ୍ତର ଆକୁଳ ଡାକରେ ସେ ତତ୍କାଳ ଉଭା ହୋଇ ଦୁଷ୍ଟକୁ ଶାସ୍ତି ଦେଇ ଭକ୍ତର ଆନନ୍ଦରେ ଆନନ୍ଦିତ ହୁଅନ୍ତି । ପ୍ରଭୁଙ୍କ ଏହି ଭକ୍ତବତ୍ସଳ ଭାବକୁ ପାଥେୟ କରି ଆଜି ଅଗଣିତ ଶ୍ରଦ୍ଧାଳୁ ନିଜକୁ ମହାପ୍ରଭୁଙ୍କ ପାଖରେ ସମର୍ପିତ ହୃଦୟରେ ଜୀବନ ନିର୍ବାହ କରୁଛନ୍ତି ।



କଳା ଠାକୁର, ଭାବ ବିନୋଦିଆ ଜଗତ୍ ବନ୍ଧୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଆମ ପ୍ରତିଟି ଓଡ଼ିଆ ଘରର ମୁରବୀ । ପ୍ରତିଟି ଓଡ଼ିଆ ଘରର ଭଲ ମନ୍ଦ, ହାନିଲାଭ ସବୁକିଛି ହିଁ ତାଙ୍କର ନିର୍ଦ୍ଦେଶନାରେ, ତାଙ୍କରି ପରିଚାଳନାରେ ସମାପିତ ହୋଇଥାଏ । ପ୍ରତିଟି ଓଡ଼ିଆଙ୍କ ଘରେ ସେ କେବଳ ଠାକୁର ହୋଇ ରହିନାହାଁନ୍ତି ପ୍ରତିଟି ଓଡ଼ିଆଙ୍କ ଜୀବନ ପିଣ୍ଡର ସେ ପ୍ରାଣ ସେ ହେଉଛନ୍ତି ଅନ୍ତରଙ୍ଗ ଆଉ ଆତ୍ମୀୟଙ୍କ ଠାରୁ ବଳୀ । ତାଙ୍କ ପୁଣ୍ୟ ପାବନ ନିତ୍ୟ ବୃନ୍ଦାବନ ଧାମ ନୀଳକନ୍ଦରର ଶ୍ରୀକ୍ଷେତ୍ର ପ୍ରତିଟି ଓଡ଼ିଆ ଆଉ ପ୍ରତିଟି ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କ ପାଇଁ ମୁକ୍ତି, ପୁଣ୍ୟ, ମୋକ୍ଷ ଓ ପରମ ଆନନ୍ଦର ପବିତ୍ର ସ୍ଥାନ । ଯେ କେହି ବି ଶ୍ରୀକ୍ଷେତ୍ରରେ ପାଦଟିଏ ରଖିବା ମାତ୍ରେ ନିଜକୁ ହଜାଇ ଦିଏ ନିଜ ଚତୁଃପାର୍ଶ୍ୱର ତେଲ ଲୁଣର ଜୀବନକୁ ନେଇ । ତାର ଅଜାଣତରେ ଚକ୍ଷୁ ଯୁଗଳରୁ ଆନନ୍ଦାଶ୍ରୁ ଝରିପଡ଼େ । ସେ ଭକ୍ତି ଭାବରେ ତନମୟ ହୋଇ ନିଜକୁ ହଜାଇ ଦେଇଥାଏ । ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି । ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ । ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ । ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି । ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର । ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ । ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା ।

*ଦୂରଭାଷ : ୮୯୧୭୩୭୭୯୮୭*

# ରାଜ୍ୟଗୋଷ୍ଠୀ ୨୦୩୦ରୁ ଅଲିମ୍ପିକ୍ସ ଆକାଂକ୍ଷା ପର୍ଯ୍ୟନ୍ତ: କ୍ରୀଡ଼ା ଜଗତରେ ଭାରତର ଉତ୍ଥାନ

**ଡକ୍ଟର ମନସୁଖ ମାଣ୍ଡଭୀୟ**

୨୦୩୦ ମସିହାର ରାଜ୍ୟଗୋଷ୍ଠୀ କ୍ରୀଡା ଭାରତ ଆୟୋଜନ କରିବ ବୋଲି ୨୬ ନଭେମ୍ବର ୨୦୨୫, ବୁଧବାର ଦିନ ରାଜ୍ୟଗୋଷ୍ଠୀ କ୍ରୀଡା ସଂଗଠନ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲା । ଏହାକୁ ଦେଶର କ୍ରୀଡା ପ୍ରଗତି ଯାତ୍ରାର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ବୋଲି ବିବେଚନା କରାଯାଇପାରେ । ଏହି କ୍ରୀଡାର ଆୟୋଜନ କରିବା ଏକ ମର୍ଯ୍ୟାଦାଜନକ ଅଧିକାର ଠାରୁ ଢ଼େର କିଛି । ଏହାକୁ ଭାରତ ଯେ କୌଣସି ବୈଶ୍ୱିକ ଆନ୍ତର୍ଜାତିକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରିବା ସକାଶେ ଏକ ନିର୍ଭରଯୋଗ୍ୟ ତଥା ବିଶ୍ୱସନୀୟ ରାଷ୍ଟ୍ର ଭାବେ ସ୍ୱୀକୃତି ପ୍ରଦାନ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ । ଭାରତ ଏଥିସହିତ ୨୦୩୬ ମସିହାର ଅଲିମ୍ପିକ୍ସ କ୍ରୀଡା ଆୟୋଜନ କରିବାର ଏକ ଦାବିଦାର ରୂପେ ମଧ୍ୟ ତାର ଦୀର୍ଘକାଳୀନ ମହତ୍ୱାକାଂକ୍ଷା ଜାରି ରଖିଛି ।

ଅନ୍ତରାଷ୍ଟ୍ରୀୟ କ୍ରୀଡା ସମ୍ପ୍ରଦାୟ ନିମନ୍ତେ ଏଭଳି ଘୋଷଣା ଏକ ବାସ୍ତବତାକୁ ପୁନଃପ୍ରକଟ କରିଥାଏ ଏବଂ ତାହା ହେଉଛି, ଗତ ଏକ ଦଶନ୍ଧି ଧରି ଭାରତ ନିରବଚ୍ଛିନ୍ନ ଭାବରେ ଏ ଦିଗରେ ଆଗକୁ ଅଗ୍ରସର ହେଉଛି । ବର୍ତ୍ତମାନ ଭାରତ ସାରା ବିଶ୍ୱରେ ଏକ ନିର୍ଭରଯୋଗ୍ୟ, ଉଚ୍ଚ କ୍ଷମତାସମ୍ପନ୍ନ ଏବଂ କ୍ରୀଡା କୈନ୍ଦ୍ରିକ ଆୟୋଜକ ଭାବରେ ମୁଣ୍ଡ ଟେକିଛି । ଏଥିସହ ଭାରତ ବ୍ୟାପକତା, ସକ୍ରିୟତା ଏବଂ ଆତିଥ୍ୟ ସହିତ ବିଶ୍ୱସ୍ତରୀୟ ମାନର ଆୟୋଜନ କରିବାକୁ ମଧ୍ୟ ସକ୍ଷମ ହୋଇପାରିଛି । ନିକଟରେ ଆନ୍ତର୍ଜାତିକ ପାରାଅଲିମ୍ପିକ କମିଟିର ଅଧକ୍ଷ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ କାର୍ଯ୍ୟକ୍ରମ ଅବସରରେ ଭାରତର ଆୟୋଜକ ଉତ୍କର୍ଷତା, ଦକ୍ଷତା ଏବଂ ପାରା-କ୍ରୀଡା କ୍ଷେତ୍ରରେ ଦେଶର ଦ୍ରୁତ ପ୍ରଗତିକୁ ଉଚ୍ଚ ପ୍ରଶଂସା କରିଥିଲେ । ଭାରତର ଏଭଳି ସୁବିଧା, ମେଡିକାଲ ସହାୟତା, ପ୍ରତିଯୋଗିତା ପରିଚାଳନା ଏବଂ ସାମଗ୍ରିକ କ୍ରୀଡା ଅନୁଭୂତିକୁ ମଧ୍ୟ ସେ ଉଚ୍ଚ ପ୍ରଶଂସା କରିଛନ୍ତି ।

ଅନୁରୂପ ଭାବରେ, ବିଶ୍ୱ ବକ୍ସିଂ ସଂଗଠନର ଅଧକ୍ଷ ନିକଟରେ ଭାରତ ଗସ୍ତରେ ଆସିଥିବାବେଳେ ବିଶ୍ୱ ବକ୍ସିଂ ଫାଇନାଲରେ ଅଂଶଗ୍ରହଣ କରି ଭାରତକୁ ବିଶ୍ୱ ବକ୍ସିଂ କ୍ରୀଡାର ଏକ ପ୍ରମୁଖ ସ୍ତମ୍ଭ ଭାବରେ ବର୍ଣ୍ଣନା କରିଥିଲେ । ଭାରତର ପେସାଦାର ପରିଚାଳନା ଏବଂ ଆୟୋଜନ କ୍ଷମତା ଓ ଦକ୍ଷତାକୁ ମଧ୍ୟ ସେ ତାରିଫ କରିଥିଲେ । ଅନ୍ତରାଷ୍ଟ୍ରୀୟ ସ୍ତରରୁ ଭାରତ ସପକ୍ଷରେ ଏଭଳି ମତ ମନ୍ତବ୍ୟ ଦେଶର କ୍ରୀଡା ସାମର୍ଥ୍ୟ ସପକ୍ଷରେ ମଜଭୁତ ସମର୍ଥନ ବୋଲି ବିବେଚନା କରାଯାଇପାରେ । ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ଭାରତ ଏଭଳି ସ୍ଥିତିରେ ପହଞ୍ଚିଛି, ଯେତେବେଳେ ବିଶ୍ୱ କ୍ରୀଡା ଜଗତ ଅତି ଉଚ୍ଚମାନର କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରିବାରେ ଭାରତ ଉପରେ ବିନା ସଂକୋଚନରେ ନିର୍ଭର କରାଯାଇପାରେ ବୋଲି ପ୍ରମାଣିତ ହୁଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କରାଯାଇଥିବା ପ୍ରୟାସର ଏହା ଯେ ଫଳଶ୍ରୁତି ତାହା ସ୍ୱତଃସିଦ୍ଧ । କେବଳ କ୍ରୀଡା କ୍ଷେତ୍ରରେ ନୁହେଁ, ଅର୍ଥନୀତି କ୍ଷେତ୍ରରେ ମଧ୍ୟ ଏହା ପ୍ରମାଣିତ ହୋଇଛି । ବର୍ତ୍ତମାନ ଦେଶର ମାକ୍ରୋ ଇକୋନୋମିକ ସ୍ଥିରତା, ବୈଶ୍ୱିକ ସ୍ତରରେ ଆର୍ଥିକ ରେଙ୍କିଂରେ କ୍ରମାଗତ ଭାବରେ ମାନବୃଦ୍ଧି ଏବଂ ସୁଦୃଢ଼ ଆର୍ଥିକ ସ୍ଥିତି ଯୋଗୁଁ ସରକାର କ୍ରୀଡା ଭିତ୍ତିଭୂମିର ବିକାଶ ସକାଶେ ଏତେ ବିପୁଳ ପରିମାଣର ପୁଞ୍ଜି ନିବେଶ କରିବା ସକ୍ଷମ ହୋଇପାରିଛନ୍ତି, ଯାହାକି ପୂର୍ବରୁ କେବେ ସମ୍ଭବପର ହୋଇନଥିଲା । ଉଦାହରଣ ସ୍ୱରୂପ ୨୦୧୩-୧୪ ବର୍ଷରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପାଇଁ ବଜେଟ ପରିମାଣ ଥିଲା ୧,୦୯୩ କୋଟି ଟଙ୍କା । ୨୦୨୫-୨୬ ମସିହାରେ ତାହା ଆସି ୩,୭୯୪ କୋଟି ଟଙ୍କା ଛୁଇଁଛି, ଯାହାକି ମାତ୍ର ଏକ ଦଶନ୍ଧି ମଧ୍ୟରେ ପ୍ରାୟ ୨୫୦ ପ୍ରତିଶତ ଅଭିବୃଦ୍ଧି ବୋଲି ସୂଚୀତ ହୁଏ ।

ନିବେଶ କ୍ଷେତ୍ରରେ ଏତେ ପରିମାଣ ବୃଦ୍ଧି, ଦେଶବ୍ୟାପୀ କ୍ରୀଡାର ଉତ୍ଥାନକୁ ତ୍ୱରାନ୍ୱିତ କରିଛି । ଖେଲୋ ଇଣ୍ଡିଆ ଏବଂ ଅସ୍ମିତା ମହିଳା ଲିଗ ଭଳି ଉପକ୍ରମ ଜରିଆରେ ରାଜ୍ୟମାନଙ୍କରେ ତୃଣମୂଳ ସ୍ତରରୁ ଏଭଳି ବିକାଶ ସମ୍ପ୍ରସାରିତ ହୋଇଛି । ଏହା ବ୍ୟତୀତ ଦେଶବ୍ୟାପୀ ଅଧୁନା ୧୦୫୦+ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ସ୍ଥାପନ କରାଯାଇଛି ଯାହା ଜିଲ୍ଲାସ୍ତରରେ କୋଚିଂ ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଉଛି । ଅନୁରୂପ ଭାବେ, ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ ଏବଂ ନୂତନ ଭାବରେ କାର୍ଯ୍ୟକାରୀ କରାଯାଇଥିବା ଟାର୍ଗେଟ ଏସିଆନ ଗେମ୍ସ ଗ୍ରୁପ ଜରିଆରେ ଭାରତ ଏକ ମଜବୁତ ଉଚ୍ଚପ୍ରଦର୍ଶନ ମାର୍ଗ ବିକଶିତ କରିଛି, ଯାହା ଅତି ଉଚ୍ଚ ମାନଯୁକ୍ତ ତାଲିମ, କ୍ରୀଡା ବିଜ୍ଞାନ, ପୋଷଣ ଏବଂ ବିଶ୍ୱ ସ୍ତରର ସୁବିଧା ସୁଯୋଗ ପ୍ରଦାନ କରେ । ଇତିମଧ୍ୟରେ ଦେଶରେ କ୍ରୀଡା ଭିତ୍ତିଭୂମିର ଅଭୂତପୂର୍ବ ପ୍ରଗତି ଘଟିଛି ଏବଂ ଦେଶବ୍ୟାପୀ ପ୍ରାୟ ୩୫୦ରୁ ଅଧିକ ପ୍ରମୁଖ କ୍ରୀଡା ମୈଦାନ ନିର୍ମାଣ କରାଯାଉଛି, ଯାହାକି ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନର ନିର୍ଭରଯୋଗ୍ୟ ବାତାବରଣ ସୃଷ୍ଟି କରିବ । ଏଭଳି ଭିତ୍ତିଭୂମିର ବିକାଶ, କେବଳ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ପୋଷଣୀୟ ଏବଂ ଦୀର୍ଘସ୍ଥାୟୀ କ୍ରୀଡା ବିକାଶକୁ ମଜଭୁତ କରେ । ପରିମାଣତଃ ଭାରତ କ୍ରୀଡା, ତାଲିମ, ପ୍ରତିଯୋଗିତା ଏବଂ ଭବିଷ୍ୟତର କ୍ରୀଡା ଆବଶ୍ୟକତା ପାଇଁ ଦଶନ୍ଧି ଦଶନ୍ଧିର ମାର୍ଗ ପ୍ରସ୍ତୁତ କରେ ।

ଯେକୌଣସି ବୈଶ୍ୱିକ କ୍ରୀଡା କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଭାରତର ପ୍ରଶଂସନୀୟ ପୂର୍ବାନୁଭୂତି ଓ ପ୍ରମାଣିକତା ରହିଛି । ଗତ ଏକ ଦଶନ୍ଧି ମଧ୍ୟରେ ଦେଶ ୨୨ଟି ଅନ୍ତରାଷ୍ଟ୍ରୀୟ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରିଛି ଯାହା ଦେଶର ୨୦ରୁ ଅଧିକ ସହରରେ ଆୟୋଜନ ହୋଇଛି । ତାହା ହକି ବିଶ୍ୱ କପଠାରୁ ଆରମ୍ଭ କରି ଚେସ, ଅଲିମ୍ପିଆଡ, ଫିଫା ଅଣ୍ଡର -୧୭ ବିଶ୍ୱକପ, ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ ଏବଂ ଆଇସିସି ପୁରୁଷ ଓ ମହିଳା କ୍ରିକେଟ ବିଶ୍ୱକପ ପ୍ରତିଯୋଗିତା ସାମିଲ । ପ୍ରତ୍ୟେକ ପ୍ରତିଯୋଗିତା ଭାରତର କ୍ରୀଡା ଆୟୋଜନର ସାମର୍ଥ୍ୟ ଓ ମର୍ଯ୍ୟାଦାକୁ ସୁଦୃଢ଼ ଓ ସମ୍ପ୍ରସାରିତ କରିଛି ଯେ ଭାରତ ଅତି ନିଖୁଣ ଏବଂ ଶୃଙ୍ଖଳିତ ଭାବରେ ଉଭୟ କ୍ରୀଡାବିତ ଓ ଅଫିସିଆଲମାନଙ୍କୁ ନିରାପତ୍ତା, ପେସାଦାରୀ ଗୁଣବତ୍ତା ଏବଂ ସାଂସ୍କୃତିକ ଉଷ୍ମତା ଯୋଗାଇବାକୁ ସକ୍ଷମ । ବିଶ୍ୱ ପୁଲିସ ଏବଂ ଅଗ୍ନିଶମ ବାହିନୀ ଗେମ୍ସ ଯାହାକି ୨୦୨୯ ମସିହାରେ ଆୟୋଜିତ ହେବାକୁ ଯାଉଛି । ଏଥି ସହ ଭାରତ ଆହୁରି ଅଧିକ ମାତ୍ରାରେ ନିଜକୁ ବିବିଧ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନରେ ସୁପ୍ରତିଷ୍ଠିତ କରିବ ଏବଂ ତାହା ରାଜ୍ୟଗୋଷ୍ଠୀ କ୍ରୀଡା ପ୍ରତିଯୋଗିତା ୨୦୩୦ ଅଧିକ ପରିଷ୍କାର ପଥ ଉନ୍ମୋଚନ କରିବ ।

ଏହିସବୁ ବୈପ୍ଲବିକ ପରିବର୍ତ୍ତନ ଓ ଉନ୍ନତିର ପଛରେ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ଓ ଦୂରଦର୍ଶୀ ନେତୃତ୍ୱ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୀଡାକୁ ଜାତୀୟ ଅଗ୍ରାଧିକାର ପ୍ରଦାନ କରିଛନ୍ତି ଏବଂ ଏହାକୁ ବିକଶିତ ଭାରତ ୨୦୪୭ର ବୃହତ୍ତର ପରିକଳ୍ପନା ସହିତ ସଂଯୋଗ କରିଛନ୍ତି । ଖେଲୋ ଭାରତ ନୀତି, ଜାତୀୟ କ୍ରୀଡା ଗଭର୍ଣ୍ଣାନ୍ସ ଆଇନ ୨୦୨୫ ଭଳି ନୀତିଗତ ସଂସ୍କାର କାର୍ଯ୍ୟକ୍ରମ, କ୍ରୀଡା ପ୍ରଶାସନ ଢ଼ାଞ୍ଚାରେ ଆମୂଳଚୂଳ ପରିବର୍ତ୍ତନ ଘଟାଇଛି, ସ୍ୱଚ୍ଛତାକୁ ପ୍ରୋତ୍ସାହନ ଯୋଗାଇଛି ଏବଂ ପ୍ରଥମେ କ୍ରୀଡାବିତ ଆଭିମୁଖ୍ୟକୁ ମଜଭୁତ କରିଛି ଏବଂ ଏହି ସମସ୍ତ ପଦକ୍ଷେପରେ ବୈଶ୍ୱିକ ଶ୍ରେଷ୍ଠ କାର୍ଯ୍ୟାନ୍ୱୟନକୁ ସଂଯୋଜିତ କରାଯାଇଛି । ଏହି ସବୁ ସଂସ୍କାର ଭାରତର ମର୍ଯ୍ୟାଦାକୁ ଅନ୍ତରାଷ୍ଟ୍ରୀୟ କ୍ରୀଡା ମହାସଂଘ ଦୃଷ୍ଟିରେ ସୁଦୃଢ଼ କରିଛି ଏବଂ ଦେଶକୁ ଏକ ସକାରାତ୍ମକ ଏବଂ ଦାୟିତ୍ୱସମ୍ପନ୍ନ ହିତଧାରକ ଭାବରେ ବୈଶ୍ୱିକ କ୍ରୀଡା ବ୍ୟବସ୍ଥା ଦୃଷ୍ଟିରେ ମଧ୍ୟ ସୁପ୍ରତିଷ୍ଠିତ କରିପାରିଛି ।

ତେଣୁ ୨୦୩୦ ମସିହାର ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ଭାବରେ ଭାରତର ନାମ ଘୋଷଣା କେବଳ ଏକକ ଘଟଣା ନୁହେଁ, କିମ୍ବା ଏକକ ସଂସ୍କାର ଅବା ଏକକ ସଫଳତା ନୁହେଁ । ଭିତ୍ତିଭୂମି କ୍ଷେତ୍ରରେ ଦୀର୍ଘ ବର୍ଷର ପୋଷଣୀୟ ପୁଞ୍ଜି ନିବେଶର ଏହା ଫଳଶ୍ରୁତି । କ୍ରୀଡା ବିକାଶ, ତୃଣମୂଳ ସ୍ତରରୁ ସମସ୍ତଙ୍କ ସହଯୋଗ ଓ ଅଂଶଗ୍ରହଣ ପ୍ରଶାସନିକ ସଂସ୍କାର ଏବଂ କ୍ରୀଡା ବାତାବରଣ ସୁଦୃଢ଼ୀକରଣ ପ୍ରୟାସର ପରିଣାମ । ଭାରତର ବ୍ୟବସ୍ଥା, ଅନୁଷ୍ଠାନ ଓ ଦକ୍ଷତା ଗଢ଼ିବା ସକାଶେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାରଙ୍କ ଦଶନ୍ଧିବ୍ୟାପୀ ପ୍ରତିବଦ୍ଧତାର ଏହା ଜ୍ୱଳନ୍ତ ପ୍ରମାଣ ଯାହାକି ଭାରତକୁ ଏବେ ସାମଗ୍ରିକ ଭାବରେ ବିଶ୍ୱର କ୍ରୀଡାମାନଚିତ୍ରରେ ସବୁଠାରୁ ଅନୁକୂଳ ସ୍ଥିତିରେ ଅବସ୍ଥାପିତ କରିଛି । ଭାରତ କୌଣସି ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ସକାଶେ ପ୍ରସ୍ତୁତ ହେଉନାହିଁ, ବରଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ସାରିଛି । ଗତ ଏକ ଦଶନ୍ଧି ମଧ୍ୟରେ ଦେଶ ସୀମିତ ସମ୍ବଳ ଅବସ୍ଥାରୁ ଅନେକ ପରିଣାମର ସହିତ ବୈଶ୍ୱିକ କୀର୍ତ୍ତିମାନ, ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ନିରବଚ୍ଛିନ୍ନ ଅନ୍ତରାଷ୍ଟ୍ରୀୟ କାର୍ଯ୍ୟଦକ୍ଷତା ଏବଂ ଢ଼ାଞ୍ଚାଗତ କ୍ରୀଡା ବାତାବରଣ ସୃଷ୍ଟି ଜରିଆରେ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଏହାର ବିକାଶ ଘଟାଇଛି । ୨୦୩୦ ମସିହାର ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ଘୋଷଣା ସେହି ମୁହୂର୍ତ୍ତର ପ୍ରତୀକ, ଯେତେବେଳେ ବିଶ୍ୱ ଭାରତର ଏହି ପରିବର୍ତ୍ତନଗତ ପ୍ରଗତିକୁ ଆନୁଷ୍ଠାନିକ ସ୍ୱୀକୃତି ଜଣାଇଛି ।

ଭାରତ ଏବେ ପ୍ରସ୍ତୁତ- ଆର୍ଥିକ, ଆନୁଷ୍ଠାନିକ ଏବଂ କ୍ରୀଡାତ୍ମକ ଦୃଷ୍ଟିରୁ ବୈଶ୍ୱିକ ସ୍ତରରେ ନିଜର ସେହି ସଫଳତାର ଔଜ୍ୱଲ୍ୟକୁ ପ୍ରଦର୍ଶିତ କରି ନିଜକୁ ଏକ କ୍ରୀଡା ସମର୍ଥ ରାଷ୍ଟ୍ର ଭାବରେ ଆଗକୁ ଆଗେଇନେବ ।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା, ଶ୍ରମ ଓ ନିୟୋଜନ ମନ୍ତ୍ରୀ

# ନୂତନ ଶ୍ରମ ଆଇନ ସ୍ୱାଗତଯୋଗ୍ୟ

**ସୌଭାଗ୍ୟ ରଂଜନ ମହାନ୍ତି**

ଦେଶରେ ୨୯ଟି ଆଇନ ବଦଳରେ ଚାରୋଟି ଶ୍ରମ କୋର୍ଡର ଶ୍ରମ କୋର୍ଡର କାର୍ଯ୍ୟକାରତା ପାଇଁ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଜାରି କେବଳ ଏକ ବୃହତ ଶ୍ରମ ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ନୁହେଁ, ଭାରତୀୟ ଅର୍ଥନୀତିର ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶ୍ରମ ବଜାର ସଂସ୍କାର ବୋଲି କୁହାଯାଇପାରିବ । ଶ୍ରମିକଙ୍କ ପାରିଶ୍ରମିକ, ଶ୍ରମ ସମ୍ପର୍କ, ସାମାଜିକ ନିରାପତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ଉପରେ ଆଧାରିତ ଏହି ଚାରୋଟି ଶ୍ରମ କୋର୍ଡକୁ ଦେଶର ବ୍ୟବସାୟୀ ଓ ପୁଂଜିନିବେଶକାରୀ ସମୁଦାୟ ଭୂୟସୀ ପ୍ରଶଂସା କରିବା ସହ ଏହା ଏକ ଦୀର୍ଘ ଦିନର ଆବଶ୍ୟକତା ବୋଲି ଦର୍ଶାଇଛନ୍ତି, ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୯ ଏବଂ ୨୦୨୦ ମଧ୍ୟରେ ପାର୍ଲିଆମେଂଟରେ ମଂଜୁରୀ ପ୍ରାପ୍ତ ଏହି ସମସ୍ତ କୋର୍ଡର କାର୍ଯ୍ୟକାରିତା ବିଭିନ୍ନ କାରଣରୁ ବିଳମ୍ବ ହୋଇଥିଲା । ଶ୍ରମିକ ମାଲିକ ତଥା କର୍ମଚାରୀ-ନିଯୁକ୍ତିଦାତାଙ୍କ ସମ୍ପର୍କ ସଂକ୍ରାନ୍ତୀୟ ୨୯ଟି ଆଇନ ବଦଳରେ ପ୍ରଣୀତ ଏହି କୋର୍ଡଗୁଡିକ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଏଇଥିପାଇଁ ଯେ, ଗୋଟିଏ କମ୍ପାନୀ ପାଇଁ ପ୍ରତିବର୍ଷ ଅଙ୍ଗୀକାର ପତ୍ର ଆବଶ୍ୟକତାକୁ ଏହା ହ୍ରାସ କରିଛି । ଏହି ନୂତନ ଶ୍ରମ କୋର୍ଡ ଆଇନକୁ ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ କାର୍ଯ୍ୟକାରୀ କରିବା ପୂର୍ବକ ବିଜ୍ଞପ୍ତି ପ୍ରକାଶ କରିଥିବାବେଳେ ଅନ୍ୟ ରାଜ୍ୟଗୁଡିକ ଯଥାଶୀଘ୍ର ଅନୁରୂପ ପଦକ୍ଷେପ ନେବା କେନ୍ଦ୍ର ସରକାର ଆଶାବାଦୀ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ଚାରୋଟି କୋର୍ଡରେ କର୍ମଚାରୀ ନିଯୁକ୍ତିଦାତା ସମ୍ପର୍କ, ସାମାଜିକ ନିରାପତା, ପାଣିଶ୍ରମିକ ଏବଂ ବୃତିଗତ ନିରାପତାରେ ବ୍ୟାପକ ପରିବର୍ତନ ଅଣାଯାଇଛି । ଏହି ଚାରୋଟି କୋର୍ଡ (ଆଇନ) ଗୁଡିକର ଏଭଳି ଏକତ୍ରୀକରଣ ଓ ସରଳୀକରଣ କରାଯାଇଛି, ଯାହା ଆଜିର ପ୍ରତିଯୋଗିତାମୂଳକ ଜଗତରେ ଏକାନ୍ତ ଆବଶ୍ୟକ ଥିଲା । ସେହିପରି ଶ୍ରମକମାନଙ୍କ ପାଇଁ ଏହି କୋର୍ଡମାନ ଏକ ନ୍ୟାୟାସମ୍ମତ ନିଯୁକ୍ତି ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଏକ ଦୃଢ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । ପାରିଶ୍ରମିକ ସମ୍ପର୍କିତ କୋର୍ଡ ସାର୍ବଜନୀନ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସୁନିଶ୍ଚିତ କରିଥିବା ବେଳେ ଠିକ୍ ସମୟରେ ପାରିଶ୍ରମିକ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛି । ଆହୁରି ମଧ୍ୟ ବୃତିଗତ ନିରାପତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିବେଶ ସମ୍ପର୍କିତ କୋର୍ଡ କାର୍ଯ୍ୟସ୍ଥଳୀର ନିରାପତା ନିଶ୍ଚିତ କରିବା ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ଶାସକ କଲ୍ୟାଣ ସୁବିଧା ସୁଯୋଗ ଉପଲବ୍ଧି ଲାଗି ଦୃଢ ବ୍ୟବସ୍ଥା ରହିଛି । ଭବିଷ୍ୟତ ପାଣ୍ଠି, ଗ୍ରାଚୁଇଟି, ମାତୃତ୍ୱ ଛୁଟି, ବୀମା ଭଳି ସାମାଜିକ ନିରାପତା ପ୍ରଦାନ ଲାଗୁ ପାଇଁ ବାଧତାମୂଳକ ବ୍ୟବସ୍ଥା ରହିଛି । ପୂର୍ବରୁ ଏହି ସମସ୍ତ ସୁବିଧାରୁ ବଂଚିତ ହୋଇଥିବା କୋଟି କୋଟି ଶ୍ରମିକ ଏହି ନୂତନ ଆଇନ ଦ୍ୱାରା ଉପଯୁକ୍ତ ହେବେ । ସେହିପରି ଅନ୍ତରାଜ୍ୟ, ପ୍ରବାସୀ ଶ୍ରମିକ ଯେଉଁମାନେ ରେକର୍ଡ ପତ୍ରରେ ଏକ ପ୍ରକାର ଅଦୃଶ୍ୟ ଥିଲେ, ସେମାନେ ତାଙ୍କର ହକ ପାଇପାରିବେ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଗତିଶୀଳ ପଦକ୍ଷେପ ହେଉଛି ଆଜିର ନବ-ଆର୍ବିଭୂତ ବିଶାଳ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ବାହିନୀକୁ ବିଧିବଦ୍ଧ ସ୍ୱୀକୃତି ପ୍ରଦାନ । ଆଜିର ଇ-କମର୍ସ ଯୁଗରେ ଗ୍ରାହକମାନଙ୍କ ପାଖରେ ଠିକ୍ ସମୟରେ ସାମଗ୍ରୀ ପହଁଚାଇବା ଏହି ଶିଖ୍ କର୍ମଚାରୀମାନଙ୍କ ସଂଖ୍ୟା ଏବେ ଆମ ଦେଶରେ ୮ ନିଯୁତରେ ପହଁଚିଥିବା ବେଳେ ଖୁବଶୀଘ୍ର ଏହି ସଂଖ୍ୟା ବିସ୍ଫୋରକ ପର୍ଯ୍ୟାୟରେ ପହଁଚିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ । କର୍ମକ୍ଷେତ୍ରରେ ଲିଙ୍ଗଗତ ପ୍ରଭେଦ ଦୂର ପାଇଁ କୋର୍ଡରେ ଯଥାର୍ଥ ନିୟମ ରହିଥିବାବେଳେ ସମାନ କାମ ପାଇଁ ସମାନ ପାରିଶ୍ରମିକ, ପ୍ରସବକାଳୀନ ସହାୟତା, ଶିଶୁଙ୍କ ପାଳନ ପାଇଁ କଠୋର ବ୍ୟବସ୍ଥା ରହିଛି । ଏହା ନିସନ୍ଦେହ ଯେ, ଏହି ନୂତନ କୋର୍ଡ ଦ୍ୱାରା ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷିତ ରହିପାରିବ । ଦେଶର ଯୁବଗୋଷ୍ଠୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ପ୍ରତିବର୍ଷ ପ୍ରାୟ ୧୨ନିଯୁତ ଯୁବକ ଯୁବତୀ କାର୍ଯ୍ୟକରିବାର ବୟସରେ ପାଦ ଥୋଇବା ନେଇ ଆକଳନ କରାଯାଏ । ଏହି ଧାରା ବହୁ ବର୍ଷ ପର୍ଯ୍ୟନ୍ତ ବଜାୟ ରହିବ । ୨୦୨୩-୨୪ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ବାର୍ଷିକ ହାରାହରି ପ୍ରାୟ ୭୮.୫ ଲକ୍ଷ ଚାକିରି ବା ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଛି । ଅଣ-କୃଷି କ୍ଷେତ୍ରରେ ଆସନ୍ତା ୨୦୩୦ ପର୍ଯ୍ୟନ୍ତ ଶ୍ରମଶକ୍ତିର ନିଯୁକ୍ତି ବୃଦ୍ଧିର ସମ୍ଭାବନା ରହିଛି । ଏହି ଶ୍ରମ ଆଇନଗୁଡିକ ଯୁଗାନ୍ତକାରୀ ହୋଇଥିବା ସତ୍ୱେ ବହୁ ଶ୍ରମିକ ୟୁନିୟନ ଏହା ସମସ୍ତ ସମସ୍ୟାର ସମାଧାନ କରିନପାରିବା ଆଶଙ୍କା ପ୍ରକାଶ କରିଛନ୍ତି । ବହୁ ଶ୍ରମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ, ଦ୍ୱିତୀୟ ଜାତୀୟ ଶ୍ରମ କମିଶନଙ୍କର ବହୁ ଶ୍ରମିକ ସପକ୍ଷ ସୁପାରିଶକୁ ସରକାର ଉପେକ୍ଷା କରିଛନ୍ତି । ଏଥିପ୍ରତି ସରକାର ଧ୍ୟାନ ଦେବେ ବୋଲି ଆଶା କରିବା । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଯୁଦ୍ଧ, ବାଣିଜ୍ୟ ଯୁଦ୍ଧ ଏବଂ ଜଳବାୟୁ ପରିବର୍ତନ ଏବେ ଶ୍ରମକ୍ଷେତ୍ରରେ ଅନିଶ୍ଚିତା ସୃଷ୍ଟି କରିଛି । ଏହାର ତ୍ୱରିତ ପ୍ରତିକାର ଏବଂ ଶ୍ରମକୋର୍ଡ ଗୁଡିକର ସୁସ୍ଥ ପରିଚାଳନା ନିଶ୍ଚିତ କରିବା ପାଇଁ ୪୭ତମ ଭାରତୀୟ ଶ୍ରମିକ ସମ୍ମିଳନୀ(ଆଇଏଲସି) ଅଧିବେଶନ ଡକାଯିବା ଜରୁରୀ । ଯେଉଁଥିରେ ସବୁକିଛି ଉପରେ ବ୍ୟାପକ ବିଚାର ବିମର୍ଷ ହୋଇପାରିବ । ସେହିପରି ରାଜ୍ୟଗୁଡିକ ଉଭୟ ନିଯୁକ୍ତିଦାତା ଓ କର୍ମଚାରୀଙ୍କ ସହ ବିଚାରବିମର୍ଷ କରିବା ଉଚିତ, ଯାହାଦ୍ୱାରା ଆଇନର ଯଥାର୍ଥ କାର୍ଯ୍ୟକାରୀ ସମ୍ଭବ ହେବ ।

## Bank of Baroda Apprentice Recruitment 2025

**TOTAL VACANCIES**
**2700**

**LAST DATE**
**01/12/2025**

Bank of Baroda (BoB) has released the notification for Engagement of Apprentices under Apprentices Act, 1961. Eligible Indian citizens are invited to apply online through the Bank's official website and Apprenticeship portal. A total of 2700 vacancies have been announced. Check complete details below including eligibility, stipend, selection process, and application procedure.

Vacancy Details
Here are the details of vacancies under the Bank of Baroda Apprentice Recruitment 2025:

Post Name No. of Posts Pay Scale
Apprentice 2700 ? 15,000 PM

Educational Qualification
The minimum qualification required under Bank of Baroda Apprentice Recruitment 2025 is:

A Degree (Graduation) in any discipline from a University recognized by Govt. of India.
Age Limit
Age criteria for UCO Bank Apprentice Recruitment 2025 are as follows (as on 01/10/2025):

Minimum Age Limit: 20 years
Maximum Age Limit: 28 years
Born not earlier than 02/10/1997 and not later than 01/10/2005
Relaxations: 5 years (SC/ST), 3 years (OBC-NCL), 10 years (PwBD), up to 40 years for certain categories as per Govt. norms.
Application Fee
Candidates must pay the application fee while submitting the online form for UCO Bank Apprentice Recruitment 2025:

SC / ST Candidates: NIL
PwBD Candidates: ? 400/- + GST
All Others: ? 800/- + GST
How to Apply
To apply for Bank of Baroda Apprentice Recruitment 2025 Candidates must follow these steps:

Candidates should mandatorily first register themselves, if eligible, in the Apprenticeship portals of the Government of India, viz, NATS portal https://nats.education.gov.in (Navigate to the "Student Register/Login" section) and NAPS portal https://www.apprenticeshipindia.gov.in
Apply online from 11/11/2025 to 01/12/2025 via the Bank of Baroda official website under Careers ? Recruitment.
Upload photograph, signature, thumb impression, and hand-written declaration as per specifications.
Pay the applicable fee online through Debit/Credit Card, Net Banking, UPI, Wallets.
Take a printout of the final submitted application for future reference.
Important Dates
Key dates to remember for Bank of Baroda Apprentice Recruitment 2025:

Notification Release Date: 11/11/2025
Registration on NATS Portal: 11/11/2025 onwards
Application Start Date: 11/11/2025
Last Date to Apply: 01/12/2025




# କାମର ବୋଝ

**୨୦୦୧ ତୁଳନାରେ ଏବେ କର୍ମଜୀବୀ ମହିଳାମାନଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଛି । କିନ୍ତୁ ସେମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳୁଛି । ଏହି ସଂସ୍ଥା ଅନୁସାରେ ମହିଳାମାନେ ପୂର୍ବ ଅପେକ୍ଷା ଏବେ ସପ୍ତାହକୁ ୩୫ ମିନିଟ୍ ଅଧିକ କାମ କରୁଛନ୍ତି । ବିଶେଷକରି ଯୁବା ମହିଳାମାନଙ୍କ ସାପ୍ତାହିକ ଶ୍ରମ ଅଧିକ । କିନ୍ତୁ ପାରିଶ୍ରମିକ କମ୍ ।**

ଘରେ ବାହାରେ ସବୁଠାରେ ମହିଳାଙ୍କୁ ଅଧିକ ସୁବିଧା ମିଳୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି । ଚର୍ଚ୍ଚାକୁ ଦେଖି ଏମିତି ଲାଗୁଛି ଯେ ସତେ ଯେମିତି ପରିବାରଠାରୁ ଆରମ୍ଭ କରି ରାଜନୈତିକ ଦଳ ଯାଏ ସମସ୍ତେ ମହିଳାଙ୍କ ସୁଖ-ସୁବିଧାକୁ ନେଇ ଖୁବ୍ ଚିନ୍ତିତ । କିନ୍ତୁ ବାସ୍ତବତା ଆଦୌ ତାହା ନୁହେଁ । ବରଂ ସୁବିଧା ପରିବର୍ତ୍ତେ ଦାୟିତ୍ୱ ବଢ଼ାଇ ଦିଆଯାଉଛି, ଯାହାଦ୍ୱାରା ସେ କ୍ରମଶଃ ଚାପି ହୋଇଚାଲିଛି ଦାୟିତ୍ୱ ଭାର ତଳେ ।

ମହିଳାଙ୍କ ବ୍ୟବହାରିକ ଜୀବନର ଅନୁଭବ ରଖୁଥିବା ସାମାଜିକ ସଂଗଠନର ଗବେଷଣା ଅନୁସାରେ ମହିଳାଙ୍କୁ ଆବଶ୍ୟକ ସୁବିଧାଠାରୁ ବଞ୍ଚିତ ରଖାଯାଉଛି । ଯେପରିକି ସମାନ କାମ କରିବା ପରେ ମଧ୍ୟ ପୁରୁଷ ସହକର୍ମୀଙ୍କ ତୁଳନାରେ କମ୍ ବେତନ ମିଳିଥାଏ । କିନ୍ତୁ କାମର ବୋଝ ଦିନକୁ ଦିନ ବଢ଼ିଚାଲିଛି ।

**ବଢ଼ିଚାଲିଛି କାମର ବୋଝ**

ଅବଶ୍ୟ ଏହି ସ୍ଥିତି କେବଳ ଆମ ଦେଶରେ ନୁହେଁ, ବରଂ ସାରା ବିଶ୍ୱରେ ଦେଖିବାକୁ ମିଳୁଛି । ଅବଶ୍ୟ ଏଭଳି ଚିନ୍ତାଧାରା ବିକଶିତ ତଥା ଆଧୁନିକ ଚିନ୍ତାଧାରା ରଖୁଥିବା ଦେଶ ବ୍ରିଟେନ୍ ଓ ଆମେରିକା ତଥା ଅବିକଶିତ ଏବଂ ବିକାଶଶୀଳ ଦେଶରେ ମଧ୍ୟ ସମାନ ସ୍ଥିତି । ବ୍ରିଟେନ୍‌ର ଏକ ସଂସ୍ଥା ରିଜୋଲେଶନ୍ ଫାଉଣ୍ଡେସନ୍‌ର ଗବେଷଣା ଅନୁସାରେ ୨୦୦୧ ତୁଳନାରେ ଏବେ କର୍ମଜୀବୀ ମହିଳାମାନଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଛି । କିନ୍ତୁ ସେମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ବେତନ ମିଳୁଛି । ଏହି ସଂସ୍ଥା ଅନୁସାରେ ମହିଳାମାନେ ପୂର୍ବ ଅପେକ୍ଷା ଏବେ ସପ୍ତାହକୁ ୩୫ ମିନିଟ୍ ଅଧିକ କାମ କରୁଛନ୍ତି । ବିଶେଷକରି ଯୁବା ମହିଳାମାନଙ୍କ ସାପ୍ତାହିକ ଶ୍ରମ ଅଧିକ । କିନ୍ତୁ ପାରିଶ୍ରମିକ କମ୍ ।

ଅକ୍ସଫେମ୍ ଦ୍ୱାରା କରାଯାଇଥିବା ରିର୍ପୋଟ ଅନୁସାରେ ଭାରତର ସହର ଓ ଗ୍ରାମାଞ୍ଚଳରେ ପୁରୁଷମାନେ ଘରୋଇ କାମ ପାଇଁ ନିୟମିତ ପ୍ରତିଶତ ୩୦ ମିନିଟ୍ ସମୟ ଦେଉଥିବା ବେଳେ ମହିଳାମାନେ ପ୍ରାୟ ୫ ଘଣ୍ଟା । ପିଲା ଓ ବୟସ୍କଙ୍କ ଦେଖାରଖା ଏବଂ ଘରୋଇ କାମ ପରେ ମହିଳାମାନଙ୍କ ପାଖରେ ସମୟ ନଥାଏ । ତେଣୁ ସେମାନେ ନିଜର ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀରେ ଉନ୍ନତୀ ଆଣିବାକୁ ସମୟ ବାହାର କରିପାରି ନଥାନ୍ତି । ଫଳରେ ସେମାନେ ନିଜକୁ ଆର୍ଥିକ ଭାବେ ସମୃଦ୍ଧ କରିବା ପରିବର୍ତ୍ତେ ପୁରୁଷଙ୍କ ଉପରେ ନିର୍ଭରଶୀଳ ରହିଥାନ୍ତି ।

**ନିଜକୁ ସାବ୍ୟସ୍ତ କରିବାକୁ ଚାହାନ୍ତି**

ଘର ହେଉ ଅବା ଅଫିସ୍ ନିଜକୁ ସକ୍ଷମ ଓ ସକ୍ରିୟ ସାବ୍ୟସ୍ତ କରିବାକୁ ମହିଳାମାନେ ଅଧିକ କାମ କରିଥାନ୍ତି । ସେମାନେ ଭାବିଥାନ୍ତି ଯେ ଏପରି କରିବା ଦ୍ୱାରା ନିଜର ପ୍ରତିଷ୍ଠା ବଢ଼ାଇବା ସହ ଅତିରିକ୍ତ ଆମଦାନୀ ହୋଇପାରିବ, ଯାହାଦ୍ୱାରା ପତି, ପିଲାମାନେ ଏବଂ ଘରର ଅନ୍ୟ ସଦସ୍ୟଙ୍କ ଉପରେ ଭଲ ପ୍ରଭାବ ପଡିଥାଏ । କିନ୍ତୁ ଏହାଦ୍ୱାରା ମହିଳାଙ୍କର ବିଶେଷ କିଛି ଲାଭ ହୋଇ ନଥାଏ ।

**ବଢୁଛି ଆର୍ଥିକ ଅସମାନତା**

ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ରିପୋର୍ଟ ଅନୁସାରେ ଭାରତର ମହିଳା ଓ ପୁରୁଷଙ୍କ ଆର୍ଥିକ ଅସମାନତା ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ଏହି ମାମଲାରେ ଭାରତର ସ୍ଥାନ ୧୧୨ରେ ରହିଛି । ରିର୍ପୋଟ ଅନୁସାରେ ଲିଙ୍ଗଗତ ଅସମାନତା ଦୃଷ୍ଟିରୁ ସର୍ବାଗ୍ରେ ରହିଛି ଆଇସ୍‌ଲ୍ୟାଣ୍ଡ ।

**ମାତୃତ୍ୱକାଳୀନ ଛୁଟି**

କର୍ମଜୀବୀ ମହିଳାମାନଙ୍କୁ ୨୬ ସପ୍ତାହର ମାତୃତ୍ୱକାଳୀନ ଛୁଟି ଦେଉଛନ୍ତି କେନ୍ଦ୍ର ସରକାର । ଏହି ଛୁଟି ବୈତନିକ । ଏବେ ବିଭିନ୍ନ ଷ୍ଟାର୍ଟଅପ୍ କମ୍ପାନୀ ଓ ଛୋଟ ଛୋଟ କମ୍ପାନୀ ମଧ୍ୟ ଏହି ଛୁଟି ଦେଲେଣି । ନୂଆ ଆଇନ ପରେ ୫୩ ପ୍ରତିଶତ କମ୍ପାନୀ ମାତୃତ୍ୱ ଲାଭ ଛୁଟି ଦେବାରୁ ବଞ୍ଚିବା ରହିବା ପାଇଁ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ଚାକିରିରେ ରଖିବାକୁ ବେଶି ପସନ୍ଦ କରୁଛନ୍ତି । କମ୍ ବଜେଟ୍‌ରେ ଚାଲୁଥିବା ଷ୍ଟାର୍ଟଅପ୍‌ଗୁଡିକ ପାଇଁ ୨୬ ସପ୍ତାହ ସବୈତନିକ ଛୁଟି ଏକ ପ୍ରକାରର ଆର୍ଥିକ ବୋଝ ହୋଇପଡିଲାଣି । କେବଳ ସେତିକି ନୁହେଁ ଗର୍ଭପାତ ସମୟରେ ମଧ୍ୟ ମହିଳାମାନଙ୍କୁ ମାନସିକ ଓ ଶାରିରୀକ ପୀଡା ହୋଇଥାଏ । କିନ୍ତୁ ମହିଳାମାନେ ଲୋକଲଜ୍ଜା କାରଣରୁ ଏହି ସୁବିଧା ନେଇ ନଥାନ୍ତି ।

**ଘରୋଇ ହିଂସା**

ଅକ୍ସଫେମ୍ ଦ୍ୱାରା କରାଯାଇଥିବା ଏକ ସର୍ଭେରେ କୁହାଯାଇଛି ସ୍ୱାମୀଙ୍କ ଦ୍ୱାରା ମାଡ଼ ଖାଇବା ଓ ଘରୋଇ ହିଂସା ଭାରତରେ ଖୁବ୍ ସାଧାରଣ କଥା । ଉତ୍ତର ଭାରତର କିଛି ରାଜ୍ୟରେ କରାଯାଇଥିବା ଏକ ସର୍ଭେରେ ୧୧୦୭ଟି ଘରକୁ ସାମିଲ୍ କରାଯାଇଥିଲା । ସେଥିରୁ ଜଣାପଡିଥିଲା ଯେ ପୁରୁଷଙ୍କ କଥା ନ ମାନିବା ଦ୍ୱାରା ୨୪.୩ ପ୍ରତିଶତ ମହିଳାଙ୍କୁ ମାଡ଼ ଖାଇବାକୁ ପଡିଥାଏ । ସେହିପରି ୪୨.୬ ପ୍ରତିଶତଙ୍କୁ ଗାଳିଗୁଲଜ ଶୁଣିବାକୁ ପଡିଥାଏ । ସ୍ୱାମୀଙ୍କ ବିନା ପରାମର୍ଶରେ ଟଙ୍କା ଖର୍ଚ୍ଚ କରିବା ଦ୍ୱାରା ୪୨ ପ୍ରତିଶତ ମହିଳାଙ୍କୁ କ୍ରୋଧର ଶିକାର ହେବାକୁ ପଡିଥାଏ । ପିଲାଙ୍କର ଠିକ୍ ଭାବେ ଦେଖାଶୁଣା ନ କରିବା ଦ୍ୱାରା ୩୩ ପ୍ରତିଶତ ମହିଳା ମାଡ଼ ଖାଇଥାନ୍ତି । ଏପରିକି ୬୦.୬ ପ୍ରତିଶତ ମହିଳାଙ୍କୁ ବିଭିନ୍ନ କାରଣ ପାଇଁ ଗାଳି ଶୁଣିବାକୁ ପଡିଥାଏ ।

## AIIMS CRE 2025

**TOTAL VACANCIES**
**1383**
**LAST DATE**
**02/12/2025**

The AIIMS CRE 2025 notification has been officially released for a wide range of Group B and Group C posts across several AIIMS institutions in India. The Common Recruitment Examination (CRE) is conducted to streamline hiring for technical, nursing, administrative, and support staff roles. Aspirants seeking AIIMS Recruitment 2025, AIIMS Group B Posts, or AIIMS Group C Jobs can apply online before the last date.
Vacancy Details
The AIIMS CRE 2025 recruitment includes multiple posts categorized under Group B and Group C. Below is a summarized vacancy structure based on major job groups.
Post Group No. of Posts
Assistant Dietician / Dietician / Warden 17
Assistant Administrative Officer / Assistant / Executive Assistant (N.S) / Junior Administrative Officer / Office Superintendent 39
Junior Administrative Assistant / Lower Division Clerk / Senior Administrative Assistant / Upper Division Clerk 121
Junior Engineer (Civil) 03
Junior Engineer (Electrical) 07
Assistant Engineer (A/C & R) / Junior Engineer (AC&R) / Junior Engineer (Mechanical) 07
Junior Audiologist / Speech Therapist / Technical Assistant (ENT) 07
Electrician / Wireman / Lineman (Electrical) 07
Manifold Technician (Gas Steward) / Gas Officer / Manager / Supervisor / Gas / Pump Mechanic / Manager for Workshop 07
Assistant Laundry Supervisor 05
Technician OT / Anaesthesia Technician / Technical Assistant / Technician (Anaesthesia / Operation Theatre) / Technical Officer (Technical Supervisor) (Anaesthesia/Operation Theatre) 172
Pharmacist / Pharmacist Grade II / Dispensing Attendant / Store Keeper (Drug) 35
Cashier / Junior Accounts Officer (Accountant) 13
Assistant Stores Officer / Junior Store Officer / Store Keeper / Store Keepercum-Clerk 99
CSSD Technician 07
Mortuary Attendant / Hospital Attendant Grade III (Nursing Orderly) / Dissection Hall Attendant / Office / Stores Attendant (Multi-Tasking) / Operator (E&M) / Lift Operator 54
Mortuary Attendant / Hospital Attendant Grade III (Nursing Orderly) / Dissection Hall Attendant / Office / Stores Attendant (Multi-Tasking) / Operator (E&M) / Lift Operator 80
Library & Information Assistant / Library Attendant Grade II / Librarian Grade III / Librarian Grade I 20
Medical Record Officer / Junior Medical Record Officer / Medical Record Technicians / Coding Clerk 73
Medical Record Officer / Junior Medical Record Officer / Medical Record Technicians / Coding Clerk 71
Medical Social Worker / Medical Social Service Officer Grade II / Medical Social Service Officer Grade II / Psychiatric Social Worker 22
Technical Officer (Dental) / (Dental Technician) 02
T
Junior Warden (House Keepers) / Warden (Hostel Warden) / Hostel Warden 23
Senior Nursing Officer (Staff Nurse Grade-I) / Staff Nurse Grade-I (Sr. Nursing Officer) / Multi Purpose Worker 122
Educational Qualification
The AIIMS CRE 2025 includes posts for candidates from diverse academic backgrounds. The required qualifications vary depending on the job group and pay level.

Age Limit
Age limits for AIIMS CRE 2025 vary by post group and category as per AIIMS recruitment rules.

Minimum Age: 18 years
Maximum Age: 30 – 35 years, depending on the post
Notification Release Date: 11/11/2025
Starting Date to Apply Online: 14/11/2025
Last Date to Apply Online: 02/12/2025

## India Post Payment Bank Recruitment 2025

**TOTAL VACANCIES**
**309**

**LAST DATE**
**01/12/2025**

The India Post Payment Bank Recruitment 2025 notification has been released for 309 posts including Junior Associate and Assistant Manager on deputation/foreign service. This recruitment is an excellent opportunity for government employees seeking career advancement in IPPB's expanding banking network. Aspirants looking for IPPB Recruitment 2025 or India Post Bank Jobs 2025 can apply online before the last date.

Vacancy Details
Under the India Post Payment Bank Recruitment 2025, a total of 309 vacancies are announced for deputation across IPPB branches and banking outlets nationwide.
Post Name No. of Posts Salary
Assistant Manager (Scale-I) 110 Parent Pay + Deputation Allowance
Junior Associate 199 Parent Pay + Deputation Allowance
Educational Qualification
Candidates applying for the India Post Payment Bank Recruitment 2025 must meet the educational requirements based on their post.

Junior Associate: Graduation in any discipline
Assistant Manager: Graduation in any discipline
Candidates are advised to refer to the official notification for detailed qualification criteria.

Age Limit
The India Post Payment Bank Recruitment 2025 specifies the following age limits as on 01/11/2025:

Junior Associate: 20 – 32 years
Assistant Manager: 20 – 35 years
Age relaxation applicable as per government norms.
Application Fee
As per the India Post Payment Bank Recruitment 2025, a non-refundable application fee is applicable for all candidates.

Application Fee: ?750/- (Non-refundable)
Mode of Payment: Online Mode
How to Apply
Candidates interested in the India Post Payment Bank Recruitment 2025 can apply online through the official IPPB portal.

Click the Apply link given below; or
Visit the official website: ippbonline.com
Go to "Career" section
Click on India Post Payment Bank Recruitment 2025 notification
Register and fill out the online form
Upload required documents including NOC from parent department
Pay the application fee and submit the form
Important Dates
Applicants for the India Post Payment Bank Recruitment 2025 should keep the following important dates in mind.

Online Registration Starts: 11/11/2025
Last Date to Apply Online: 01/12/2025

## ମହିଳାଙ୍କ ଆତ୍ମହତ୍ୟା

**କୋରାଇ:** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଗ୍ରାମରେ ଜଣେ ବିବାହିତା ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ପ୍ରକାଶ ଯେ ସୋତି ଗ୍ରାମର ଦିବାକର ଭୂୟାଁଙ୍କ ଏକମାତ୍ର ପୁତ୍ର ଶ୍ରୀଧର(କାଳିଆ) ସେହି ଗ୍ରାମର ଗଦାଧର ନାୟକଙ୍କ ଝିଅ ନିରୁପମା(କଣ୍ଢେଇ) ୨୮ଙ୍କୁ ବୈଦିକ ରିତୀରେ ଗତ ବର୍ଷ ମାର୍ଚ୍ଚ ୧୨ ତାରିଖରେ ବିବାହ କରିଥିଲେ। ଉଭୟଙ୍କର ଏକ ଦଶ ମାସର ପୁତ୍ର ସନ୍ତାନଟିଏ ମଧ୍ୟ ଅଛି । ଶ୍ରୀଧର ଭଦ୍ରକର ଏକ ଦୋକାନରେ ସେଲ୍ସମ୍ୟାନ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ସପ୍ତାହକୁ ଥରେ ଘରକୁ ଆସନ୍ତି । ଘରେ କଣ୍ଢେଇଙ୍କ ସହିତ ବୃଦ୍ଧ ଶାଶୁ, ଶ୍ୱଶୁର ଓ ଏକମାତ୍ର ଅବିବାହିତ ନଣନ୍ଦ ଅଛନ୍ତି। ତେବେ ଶ୍ରୀଧରଙ୍କ ସଂସାର ହସଖୁସୀରେ ଚାଲିଥିବା ବେଳେ ଗତ ବୁଧବାର ରାତିରେ ସମସ୍ତେ ଖାଇ ପିଇ ଶୋଇବାକୁ ଯାଇଥିଲେ। ମାତ୍ର ଆଜି ମାଣବସା ଗୁରୁବାର ଥିବାରୁ କଣ୍ଢେଇର ଶାଶୁ ସକାଳୁ କଣ୍ଢେଇକୁ ଡ଼ାକିବାକୁ ଯାଇ କବାଟ ବାଡ଼େଇଥିଲେ। ମାତ୍ର କବାଟ ନଖୋଲିବାରୁ ସେ ପଡ଼ିଶା ଘରକୁ ଡ଼ାକ ପକାଇଥିଲେ। ପଡ଼ିଶା ଘରଲୋକମାନେ ଆସି ଝରକା ତାଡ଼ି ଦେଖିବା ବେଳକୁ କଣ୍ଢେଇ ଭିତର ପଟୁ କବାଟ ବନ୍ଦ କରି ଏକ ଶାଢୀରେ ଫ୍ୟାନରେ ରଶି ଲଗାଇ ଝୁଲୁଥିବାର ଦେଖି କବାଟ ତାଡ଼ି ବାହାରକୁ ଆଣିଥିଲେ। ଏ ନେଇ ଝିଅ ଘର ପରିବାର ଲୋକମାନେ ଥାନାରେ ଜଣାଇବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ୩୭/୨୫ରଜୁ କରି ସାଇଂଟିଫିକ ଟିମ ସହିତ ତଦନ୍ତ କରି ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ।

## ମହିଳା ହିଂସା ବିରୋଧି ଅଭିଯାନ କାର୍ଯ୍ୟକ୍ରମ

**ଭଦ୍ରକ:** ମହିଳା ଶିଶୁ ବିକାଶ ମନ୍ତ୍ରାଳୟ ଓଡ଼ିଶା ସରକାର ଓ ଫେଲୋସିପ୍, ଆସିଆନା, ନୂହାସ, ଶକ୍ତିସଦନ ମିଳିତ ଆନୁକୂଲ୍ୟରେ ମହିଳା ହିଂସା ବିରୋଧି ଅଭିଯାନର ଦ୍ୱିତୀୟ ଦିବସ ଭଦ୍ରକ ବ୍ଲକ ସଭାଗୃହରେ ଫେଲୋସିପର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଭଦ୍ରକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଚନ୍ଦ୍ରା ସାହୁ, ନାରୀନେତ୍ର ସୁରଜିତା ନାୟକ, ଆସିୟାନାର ସମ୍ପାଦିକା ସୋଫିଆ ସେକ୍, ଜିଲ୍ଲା ସଂଯୋଜକ (ଡ଼ି.ଏଚ୍.ଇ.ଡ଼ବ୍ଲ) ସୂର୍ଯ୍ୟ ରଞ୍ଜନ ସାମଲ, ସବ୍ ଡ଼ିଭିଜନ୍ ସୁରକ୍ଷା ଅଧିକାରିଣୀ ସବିତା ବେହେରା ଏବଂ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର ସାମାଜିକ କର୍ମୀ ସୁବ୍ରତ କୁମାର ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଇନ୍ ଯଥା ପୋକ୍ସ, ଘରୋଇ ହିଂସା ଆଇନ୍, ଯୌତୁକ ବିରୋଧି ଆଇନ୍ , ବାଲ୍ୟ ବିବାହ ଏବଂ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ପାଇଁ ଆଇନ୍‌ରେ ଥିବା ବ୍ୟବସ୍ଥା ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ହବ୍‌ର କର୍ମକର୍ତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଠକଇଲ୍ଡ ଲାଇନ୍‌ର କର୍ମକର୍ତା, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସି.ଡ଼ି.ପି.ଓ., ଅଙ୍ଗନୱାଡ଼ି ୱାର୍କର, ଏସ୍.ଏଚ୍.ଜି. ମାନେ ଯୋଗ ଦେଇଥିଲେ । ସ୍ୱାଗତ ଭାଷଣ ଫେଲୋସିପ୍ ୱାନ୍ ଷ୍ଟପ୍ କେନ୍ଦ୍ର ପ୍ରଶାସିକା ପୁଷ୍ପାଞ୍ଜଳୀ ବେହେରା ଦେଇଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଆଇନ୍ ପରାମର୍ଶଦାର୍ତୀ ଅସୀମା ନାୟକ ।

# ମଧ୍ୟାହ୍ନଭୋଜନ ଚାଉଳ ଚୋରି ଘଟଣାର କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ

**ଭଦ୍ରକ:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଂଚାୟତ ଅଧୀନ ବିଦ୍ୟାଧରପୁର ପ୍ରାଥମିକ ସ୍କୁଲରୁ ମଧ୍ୟାହ୍ନଭୋଜନ ଚାଉଳ ଚୋରି ହେବାନେଇ ଅଭିଯୋଗ ହୋଇଥିଲା । ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଏବଂ ପରେ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୨୨ତାରିଖ ଅପରାହ୍ନରେ ସ୍କୁଲର ପ୍ରଧାନଶିକ୍ଷକ ୪ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ସ୍କୁଲରୁ ଚୋରିକରି ଏକ ଅଟୋରେ ନେଇ ଯାଉଥିଲେ । କେତେକ ଗ୍ରାମବାସୀ ଏହା ଜାଣିପାରି ରାସ୍ତାରେ ଅଟୋକୁ ଅଟକାଇ ସ୍କୁଲକୁ ଚାଉଳ ଫେରାଇ ଆଣିଥିଲେ । ପରେ ସେମାନେ ଏ ସମ୍ପର୍କରେ ବିଇଓ ଏବଂ ସିଆରସିସିଙ୍କୁ ଜଣାଇଥିଲେ । ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ସେମାନେ ଗତ ୨୪ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ସବ୍ୟସାଚୀ ପଣ୍ଡା, କରୁଣାକର ନାୟକ, କନକ ଲତା ପଣ୍ଡା, ରତ୍ନାକର ପଣ୍ଡା, କବିତା ସାହୁ, ବିଶ୍ୱଜିତ ସାହୁ, ମିନତୀ ଜେନା ପ୍ରମୁଖ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଜିଲାପାଳ ଦିଲୀପ ରାଉତରାଏ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ

**ଅଭିଯୋଗର ସତ୍ୟତା ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ : ବିଇଓ**

ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ସୂର୍ଯ୍ୟଶିଖା ମହାନ୍ତିଙ୍କୁ ପଚାରିବାରୁ ସେକହିଛନ୍ତି ଯେ, ମଧ୍ୟାହ୍ନଭୋଜନ ଚାଉଳ ଚୋରି ଅଭିଯୋଗ ଉପରେ ତଦନ୍ତ ଚାଲିଛି ।

**ଚାଲିଛି କଇଁଛଙ୍କ ମିଳନ ଋତୁ**

# ସୁରକ୍ଷିତ ଅଣ୍ଡାଦାନ ପାଇଁ କଟକଣା ଜାରି

**ଭୁବନେଶ୍ୱର:** ଶୀତର ଆଗମନ ସହିତ ଓଡ଼ିଶା ଉପକୂଳ ଏବେ ବିଦେଶୀ ଅତିଥି ଅଲିଭ ରିଡଲେ କଇଁଛଙ୍କ ପାଇଁ ଚଳଚଞ୍ଚଳ ହୋଇଉଠିଛି । ବର୍ତ୍ତମାନ ସମୟରେ ଅଲିଭ ରିଡଲେ କଇଁଛଙ୍କ ମିଳନ ଋତୁ ଚାଲିଥିବାବେଳେ ଗଭୀର ସମୁଦ୍ର ମଧ୍ୟରୁ କଇଁଛଙ୍କ ଏକ ଏକ୍ସକ୍ଲୁସିଭ୍ ? ଭିଡିଓ ସାମ୍ନାକୁ ଆସିଛି । ହଜାର ହଜାର ମାଇଲ ଦୂର ଅତିକ୍ରମ କରି ଏହି ବିରଳ ପ୍ରଜାତିର କଇଁଛମାନେ ଓଡ଼ିଶାର ଗହୀରମଥା ଓ ଋଷିକୁଲ୍ୟା ଭଳି ଉପକୂଳକୁ ବଂଶବୃଦ୍ଧି ପାଇଁ ଆସିଥାନ୍ତି । ଏହି ଭିଡିଓରେ ଅନେକ କଇଁଛ ସମୁଦ୍ରର ନୀଳ ଜଳରାଶିରେ ପହଁରୁଥିବାର ମନୋରମ ଦୃଶ୍ୟ ଦେଖିବାକୁ ମିଳିଛି ।

କଇଁଛଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ବନବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସମୁଦ୍ର ମଧ୍ୟରେ କଇଁଛଙ୍କ ମିଳନ ପ୍ରକ୍ରିୟା ଚାଲିଥିବାରୁ ମାଛଧରା



ଉପରେ କଡ଼ା କଟକଣା ଜାରି କରାଯାଇଛି । ବିଶେଷକରି ଯାନ୍ତ୍ରିକ ଡଙ୍ଗା ଓ ଟ୍ରଲର ଚଳାଚଳ ଉପରେ ରୋକ୍ ଲଗାଯାଇଛି, କାରଣ ଟ୍ରଲର ମାଡ଼ରେ ଅନେକ ସମୟରେ କଇଁଛଙ୍କ ମୃତ୍ୟୁ ଘଟିଥାଏ । ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସମୟରେ ସ୍ଥାନୀୟ ଅଞ୍ଚଳକୁ ଏକ 'ହାଇସିକ୍ୟୁରିଟି ଜୋନ୍' ବା ଉଚ୍ଚ ସୁରକ୍ଷା ବଳୟ ଭାବେ ଘୋଷଣା କରାଯାଇଛି । ବନବିଭାଗର ସତନ୍ତ୍ର ଟିମ୍ ଦିନରାତି ସମୁଦ୍ରରେ ପାଟ୍ରୋଲିଂ କରୁଛନ୍ତି । ବେଆଇନ ମାଛଧରାକୁ ରୋକିବା ପାଇଁ କଡ଼ା ନଜର ରଖାଯାଇଛି । ଏନେଇ ଚିଲିକା ଡିଏଫଓ ଅମ୍ଲାନ ନାୟକ ସୂଚନା ଦେଇ କହିଛନ୍ତି ଯେ, କିପରି କଇଁଛମାନେ ସୁରକ୍ଷିତ ଭାବରେ ପ୍ରଜନନ କରିପାରିବେ ସେ ଦିଗରେ ବନବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି । ଆଗକୁ କିଛି ଦିନ ପରେ ମିଳନ ପ୍ରକ୍ରିୟା ଶେଷ ହେଲେ, ଲକ୍ଷ ଲକ୍ଷ କଇଁଛ ସମୁଦ୍ର ବେଳାଭୂମିକୁ ସମୂହ ଅଣ୍ଡାଦାନ ପାଇଁ ଆସିବେ । ସେହି ସମୟରେ କଇଁଛଙ୍କ ସୁଅ ଛୁଟିବ । ତେଣୁ ସେମାନଙ୍କର ସୁରକ୍ଷିତ ଆଗମନ ଓ ଅଣ୍ଡାଦାନ ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ଏବଂ କଟକଣାକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ସେଥିପାଇଁ ବନବିଭାଗ ସମ୍ପୂର୍ଣ୍ଣ ସଜାଗ ଥିବା କହିଛନ୍ତି ଚିଲିକା ଡିଏଫଓ ଅମ୍ଲାନ ନାୟକ ।

# ଗହୀରମଥା ସମୁଦ୍ର କିଣାବିକାକୁ ନେଇ ପ୍ରଶାସନର ତନାଘନା

## ପ୍ରାଥମିକ ତଦନ୍ତ ପରେ ରିପୋର୍ଟ ଦେଲେ ତହସିଲଦାର

**ରାଜନଗର:** ଗହୀରମଥାରେ ସାମୁଦ୍ରିକ ଜମି କିଣାବିକା ମାମଲାରେ ପ୍ରଶାସନର ତତ୍ପରତା । କନକ ନ୍ୟୁଜରେ ବାରମ୍ବାର ଖବର ପ୍ରସାରଣ ପରେ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ଆରମ୍ଭ କଲେ ରାଜନଗର ତହସିଲଦାର । ସମୁଦ୍ରଗର୍ଭକୁ ଚାଲିଯାଇଥିବା ଜମିକୁ ସରକାରୀ ଖାତାକୁ ଅଣାଯିବ ବୋଲି ସେ କହିଥିଲେ ବି, ଘଟଣା ପଛର ଗୁମରକୁ ନେଇ ଅସମାହିତ ରହିଛି ଅନେକ ପ୍ରଶ୍ନ ।

ରାଜନଗରର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ଜମି ବିକ୍ରି ଘଟଣାର ଆରମ୍ଭ ହେଲା ଖୋଳତାଡ଼ । କନକ ନ୍ୟୁଜରେ ଏହି ମହା ଦୁର୍ନୀତି ସମ୍ପର୍କରେ ଲଗାତାର ଖବର ପ୍ରସାରଣ ପରେ ଆକ୍ସନ୍ ମୋଡରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ । ତଦନ୍ତ ପରିସରଭୁକ୍ତ ହେଲା ସମୁଦ୍ରର ଏକର ଏକର ଜମିକୁ ବେଆଇନ ଭାବେ ବିଭିନ୍ନ କମ୍ପାନୀ କିଣିବା ମାମଲା । ପ୍ରାଥମିକ ତଦନ୍ତ ପରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇଛନ୍ତି ରାଜନଗର ତହସିଲଦାର । କେଉଁ ପରିସ୍ଥିତିରେ ନିଷିଦ୍ଧାଞ୍ଚଳରେ ଥିବା ଜମି ଗୁଡ଼ିକ ବଡ଼ ବଡ଼ କମ୍ପାନି ହାତକୁ ଟେକି ଦିଆଗଲା ? ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ରାଜନଗର ତହସିଲ ପକ୍ଷରୁ ଏହାର



ଖୋଳତାଡ଼ ଜୋରଦାର କରାଯାଇଛି । ଏଥିସହ ସମୁଦ୍ର ଗର୍ଭକୁ ଚାଲିଯାଇଥିବା ବ୍ୟକ୍ତିଗତ ଜମି ଗୁଡ଼ିକୁ ସରକାରୀ ଖାତାକୁ ଅଣାଯିବ ବୋଲି ତହସିଲଦାର କହିଛନ୍ତି ।

ଜୈବ ବିବିଧତା ଦୃଷ୍ଟିରୁ ଅତି ସଂବେଦନଶୀଳ ଗହୀରମଥା । ସେଠାକାର ସାତଭାୟାରେ ସମୁଦ୍ର ଗର୍ଭକୁ ଚାଲିଯାଇଥିବା ପ୍ରାୟ ୩ଶହ ଏକର ଜମିକୁ, ଶାଗମାଛ ଦରରେ କିଣିଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରର କିଛି କମ୍ପାନି ଓ ବ୍ୟକ୍ତିବିଶେଷ । ସମୁଦ୍ର ଜୁଆର ଅଟକାଇ ମାଛ ଚାଷ କରିବା ଫଳରେ, ଭିତରକନିକା ପ୍ରତି ସଂକଟ ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ପୂର୍ବରୁ ଜୁଆରରେ ପ୍ରାକୃତିକ ଭାବେ ଆସୁଥିବା ମାଛ ଓ ଜାଆଁଳ ଏବେ ଜାତୀୟ ଉଦ୍ୟାନକୁ ଯାଇ ପାରୁନାହିଁ । ଫଳରେ ଜୀବଜନ୍ତୁଙ୍କ ଖାଦ୍ୟାଭାବ ଓ ଜୈବ ବିବିଧତା ପ୍ରତି ବିପଦ ଆଶଙ୍କା ଦେଖାଦେଇଛି ।

# ଓଡ଼ିଶା ଖଣି ନିଗମ ଆଞ୍ଚଳିକ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମିକଙ୍କ ବିକ୍ଷୋଭ

**କେନ୍ଦୁଝର:** ଶ୍ରମିକ ବିରୋଧି ଶ୍ରମ କୋଡ୍ ତୁରନ୍ତ ବାତିଲ ଦାବିରେ ବାଂଶପାଳ ବ୍ଲକର ଶୁଆକାଟୀ ସ୍ଥିତ ଓଡିଶା ଖଣି ନିଗମ ଆଂଚଳିକ କାର୍ଯ୍ୟାଳୟ ଆଗରେ ଏଆଇଟିୟୁସି ନେତୃତ୍ୱରେ ଶ୍ରମିକ ମାନେ ବିକ୍ଷୋଭ କରିଛନ୍ତି । କେନ୍ଦୁଝର ଜିଲ୍ଲା ଏଆଇଟିୟୁସି ଡାକରାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନା ସମ୍ମୁଖରେ ହଜାର ହଜାର ଶ୍ରମିକ ବିକ୍ଷୋଭ ଜରିଆରେ ବିରୋଧୀ ଶ୍ରମ କୋର୍ଡକୁ ବିରୋଧ ଜାରି ରଖୁଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ହଠାତ ସାରା ଦେଶରେ ନୂତନ ଶ୍ରମ କୋର୍ଡ ଲାଗୁ କରିବା ପାଇଁ ଘୋଷଣା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଏଥି ପାଇଁ ଦେଶର ଶ୍ରମିକ ସଂଗଠନ ମାନଙ୍କ ସହ କୌଣସି ଆଲୋଚନା କରା ଯାଇ ନାହିଁ । ଦୀର୍ଘ ଦିନ ହେଲା ଏହି ୪ଟି ଶ୍ରମ କୋର୍ଡ ବାତିଲ କରିବା ଦୀର୍ଘ ଦିନ ହେବ ସମଗ୍ର ଦେଶରେ ଜୋରଦାର ଶ୍ରମିକ ଆନ୍ଦୋଳନ ଚାଲୁ ରହିଥିବା ବେଳେ ସରକାର ରାତି ଅଧିଆ ଶ୍ରମ କୋର୍ଡ ଲାଗୁ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିକ୍ଷୋଭକାରୀ । ଏହି ଆଇନ ଲାଗୁ ହେବା ଦ୍ୱାରା ଶ୍ରମିକ ମାନଙ୍କର ନିଯୁକ୍ତି ଅଧିକ ଅସ୍ଥାୟୀ ହେବା ବୋଲି ପ୍ରକାଶ କରିଛନ୍ତି ଶ୍ରମିକମାନେ । ପୂର୍ବ ଶ୍ରମ ଆଇନ ଠିକ୍ ଭାବେ ଲାଗୁ ହୋଇ ପାରୁ ନଥିବା ବେଳେ, ମାଲିକ ସପକ୍ଷବାଦୀ ନୂଆ ଶ୍ରମ କୋର୍ଡ ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧି ଅଟେ କହି ଆଜି ନିଗମର ଗନ୍ଧମାର୍ଦ୍ଦନ ଖଣି ମୁଖ୍ୟ କାର୍ଯ୍ୟାଳୟରେ ସମ୍ମୁଖରେ ଶହ ଶହ ଶ୍ରମିକ ଏକତ୍ର ହୋଇ ଶ୍ରମ କୋର୍ଡ ଓଏମସି ଖଣିରେ ଲାଗୁ ନ କରିବା ପାଇଁ ଦାବି ଜଣାଇଛନ୍ତି। ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ମହେଶ୍ୱର ରାଉତଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ବେଳେ ନିଗମ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଶ୍ରୀହରି ଘଣା, ହୃଦା ପାତ୍ର, ବଦ୍ରୁ ଜାମା, ବିଂଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହାନ୍ତ, ବନମାଳି ନାୟକ, ଗୋବିନ୍ଦ ପ୍ରମୁଖ ଭାଗ ନେଇଥିଲେ । ଜିଲ୍ଲାର ଅନ୍ୟ କାରଖାନା ଓ ଖଣି ସମ୍ମୁଖରେ ଏହି ବିକ୍ଷୋଭ ଜାରି ରହିବା ସହ ଡିସେମ୍ବର ୩ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ଶ୍ରମିକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଏଆଇଟିୟୁସି ତରଫରୁ ମହେଶ୍ୱର ରାଉତ ଘୋଷଣା କରିଛନ୍ତି।

## ଜିଲ୍ଲା ଡମ ସଂଗଠନର ସତନ୍ତ୍ର ବୈଠକ

**ଜୟପୁର:** ଜୟପୁର ଶୀତଳା ମନ୍ଦିର ପରିସରରେ ଜିଲ୍ଲା ଡମ ସଙ୍ଗଠନର ଏକ ସତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତି ପବିତ୍ର ଖରା ସଂପାଦକ ମଙ୍ଗଳଦାନ ଖିଲ ଓ ସଂପାଦକ ରାଜୁ ତାଣ୍ଡିଲ ସହ ଜିଲ୍ଲା ଡମ ସଂଗଠନର ମୁଖ୍ୟ କର୍ମକର୍ତାଙ୍କ ଉପସ୍ଥିତିରେ ନିଷ୍ପତି ନିଆଗଲା କି ଦୀର୍ଘ ୧୯ ବର୍ଷ କ୍ରମାଗତ ଭାବେ ପଦପଦବୀରେ ।ର୍ଯ୍ୟରତ ରହି ଆସୁଥିବା ଯୋଗୁଁ ସମସ୍ତ କର୍ମକର୍ତାଙ୍କ ପ୍ରସ୍ତାବ ଅନୁଯାୟୀ ଏକ ନୂତନ କର୍ମକର୍ତା ଚୟନ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା । ନୂତନ କର୍ମକର୍ତା ଚୟନ କରାନଯିବା ପର୍ଯ୍ୟନ୍ତ ସଂଗଠନକୁ ଭଙ୍ଗ କରାଯାଇଛି ବୋଲି ସଭାପତି ଶ୍ରୀ ଖରା ପ୍ରକାଶ କରିଛନ୍ତି । ଏହି ପଦପଦବୀ ନିମନ୍ତେ ଯଦି କୌଣସି ବ୍ୟକ୍ତି ତଥା କର୍ମକର୍ତା ଇଚ୍ଛୁକ ଅଛନ୍ତି ତେବେ ଆସନ୍ତା ୧୦ ତାରିଖ ମଧ୍ୟରେ ଆବେଦନ କରିବା ପରେ ନିର୍ବାଚନ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କରେ ଖଗପତୀ ପାଙ୍ଗି, ବିଜୟ ହନ୍ତାଳ, ପଦ୍ମନ ହରିଜନ, ଚିତ୍ର ହରିଜନ, ଅର୍ଜୁନ ହରିଜନ, ଜିରା ହରିଜନଙ୍କ ସମେତ ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

**କମୁନି ଟ୍ରେନ୍‌କୁ ପଥର ମାଡ଼**

# ୧୦ ମାସରେ ୮୧ ମାମଲା, ୬୭ ଗିରଫ

**ଭୁବନେଶ୍ୱର:** ସୁଧୁରୁ ନାହାନ୍ତି ଅମାନିଆ । ଚଳନ୍ତା ଟ୍ରେନ୍‌କୁ ପଥର ଫିଙ୍ଗି ଟ୍ରେନ୍‌ର କ୍ଷତି କରିବା ସହିତ ଯାତ୍ରୀଙ୍କ ଜୀବନକୁ ବିପଦରେ ପକାଉଛନ୍ତି । ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏନେଇ ୮୧ଟି ମାମଲା ରୁଜୁ ହୋଇଛି । ବିଶେଷ କରି ବନ୍ଦେ ଭାରତ ଟ୍ରେନ୍‌କୁ ଟାର୍ଗେଟ୍ କରାଯାଉଛି । ବନ୍ଦେ ଭାରତ ଏକ୍ସପ୍ରେସକୁ ପଥର ଫିଙ୍ଗିବା ନେଇ ୨୨ଟି ମାମଲା ରୁଜୁ ହୋଇଛି ଏବଂ ୨୨ ଜଣ ଗିରଫ ହୋଇଛନ୍ତି । ସେହିପରି ଅନ୍ୟ ଟ୍ରେନ୍‌ଗୁଡ଼ିକରେ ଏନେଇ ୫୯ଟି ମାମଲା ରୁଜୁ ହୋଇଥିବା ବେଳେ ୪୫ ଜଣଙ୍କୁ ଗିରଫ କରାଯାଇଛି । ଟ୍ରେନ୍‌କୁ ପଥର ଫିଙ୍ଗିବା ଘଟଣାରେ ରେଳ ସୁରକ୍ଷା ବଳ (ଆରପିଏଫ୍) ସକ୍ରିୟ ରହିଛି । ତ୍ୱରିତ୍ ମାମଲା ପଞ୍ଜୀକରଣ ଏବଂ ଅଭିଯୁକ୍ତଙ୍କୁ ଚିହ୍ନଟ କରୁଛି ।

ଅନ୍ୟପକ୍ଷରେ ଟ୍ରେନ୍ ଉପରେ ପଥର ଫିଙ୍ଗିବା ଭଳି ବିପଜ୍ଜନକ ଏବଂ ବେଆଇନ ଅଭ୍ୟାସକୁ ରୋକିବାରେ ସାହାଯ୍ୟ କରିବା



***ସମସ୍ତ ଚିହ୍ନିତ ମାମଲାରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଅଭିଯୁକ୍ତଙ୍କୁ ରେଳ ସମ୍ପତ୍ତିର କ୍ଷତି ପାଇଁ ଦାୟୀ ମଧ କରାଯିବ ।***

ଲାଗି ଜନସାଧାରଣଙ୍କୁ ଅନୁରୋଧ କରିଛି ପୂର୍ବତଟ ରେଳୱେ । ରେଳୱେ ଆଇନ ଧାରା ୧୫୨ ଅନୁଯାୟୀ, ଟ୍ରେନ୍‌କୁ ପଥର ଫିଙ୍ଗିବା ଏକ ଦଣ୍ଡନୀୟ ଅପରାଧ । ଏଥିପାଇଁ ୧୦ ବର୍ଷ ପର୍ଯ୍ୟନ୍ତ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ । ସମସ୍ତ ଚିହ୍ନିତ ମାମଲାରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଅଭିଯୁକ୍ତଙ୍କୁ ରେଳ ସମ୍ପତ୍ତିର କ୍ଷତି ପାଇଁ ଦାୟୀ ମଧ୍ୟ କରାଯିବ । ଏପରି ବିପଦର ମୁକାବିଲା ପାଇଁ ଘନ ଜନବସତି ବିଶିଷ୍ଟ ଟ୍ରାକ୍ ସାଇଡ୍ ଅଞ୍ଚଳରେ ପାଟ୍ରୋଲିଂକୁ ଆହୁରି ତୀବ୍ର କରାଯାଇଛି । ଏଥିସହ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି ।

ସେହିପରି ଜିଆରପି, ଜିଲ୍ଲା ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି । ପଥର ଫିଙ୍ଗିବା କାର୍ଯ୍ୟର ମାରାତ୍ମକ ପରିଣାମ ବିଷୟରେ ଲୋକଙ୍କୁ ସଚେତନ କରିବାକୁ ଆରପିଏଫ୍ ଦଳ ଯୁବପିଢ଼ି ଏବଂ ସ୍କୁଲ ପିଲାଙ୍କ ସହିତ ମଧ ଯୋଗାଯୋଗ କରୁଛନ୍ତି । ଏହାବ୍ୟତୀତ ରେଳ ପରିସର ନିକଟରେ ରହୁଥିବା ପିଲା ଏପରି ବିପଜ୍ଜନକ ଆଚରଣରେ ଲିପ୍ତ ନ ହେବାକୁ ପରାମର୍ଶ ଦେବା ପାଇଁ ପିତାମାତା ଏବଂ ଅଭିଭାବକଙ୍କୁ ଅନୁରୋଧ କରାଯାଇଛି । ରେଳ ସମ୍ପତ୍ତିକୁ ଜାତୀୟ ସମ୍ପତ୍ତି ଭାବରେ ବ୍ୟବହାର କରିବା ଏବଂ ଟ୍ରାକ୍ ନିକଟରେ ଯେକୌଣସି ସନ୍ଦେହଜନକ କିମ୍ବା ବେଆଇନ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ରିପୋର୍ଟ କରିବାକୁ ଲୋକଙ୍କୁ ଅନୁରୋଧ କରିଛି ପୂର୍ବତଟ ରେଳୱେ।

# ମିଳୁନି ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର: କାର୍ଯ୍ୟାଳୟରେ ଝୁଲୁଛି ତାଲା




ବାସୁଦେବପୁର : ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ମିଳୁନି ଜନ୍ମ ଓ ମୃତ୍ୟୁ ର ପ୍ରମାଣପତ୍ର । ପ୍ରମାଣପତ୍ର ପାଇଁ ଯାଉଥିବା ଲୋକମାନେ ନିରାଶ ହୋଇ ଫେରୁଛନ୍ତି, କାରଣ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଝୁଲୁଛି ତାଲା । ଏହି ସ୍ୱାସ୍ଥକେନ୍ଦ୍ରରେ ୩୨ ଟି ପଞ୍ଚାୟତ , ପୌରପାଳିକା ସମେତ ଧାମରା, ସୋରୋ, ସିମୁଳିଆ ଅଞ୍ଚଳର ଜନସାଧାରଣମାନେ ନିର୍ଭର କରିଥାନ୍ତି । ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଆବେଦନକାରୀମାନେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରୁଛନ୍ତି । ଦୀର୍ଘ ୭ଦିନ ହେବ ଏଭଳି ଅବ୍ୟବସ୍ଥା ହେତୁ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି ।

## ସାବରମଲାଇ ଆୟାପ୍ପା ମନ୍ଦିରକୁ ଯାତ୍ରା ଆରମ୍ଭ

**ଜୟପୁର:** ଜୟପୁର ସହରରେ ଭଗବାନ ଆୟାପ୍ପା ସ୍ୱାମୀଙ୍କ ପୂଜନ ନିମନ୍ତେ ମାନସିକ ଧାରୀ ସ୍ୱାମୀ ମାନଙ୍କ ଆଜି ସଂଧ୍ୟାରେ କେରଳ ରାଜ୍ୟର ସାବରମଲ୍ଲାଇ ସ୍ଥିତ ମୁଖ୍ୟମନ୍ଦିରକୁ ଯାତ୍ରା ଆରମ୍ଭ କରିଛି । ଏହିପରି ଦୀର୍ଘ ୪୫ ଦିନ କାଳ ବସ୍ତ୍ର ଧାରଣ ସହିତ ନିୟମ ଅନୁଯାୟୀ ପୂଜନ କରୁଥିବା ପ୍ରାୟ ୧୫ ଜଣ ବ୍ରତଧାରୀ ସ୍ୱାମୀ ମାନେ ମଣିକଣ୍ଠା ସାନିଧାନମ ସଂସ୍ଥା ପକ୍ଷରୁ ପ୍ରଥମ ଯାତ୍ରା ଆଜି ସଂଧ୍ୟାରେ ସ୍ଥାନୀୟ କୁମ୍ଭାରସାହି ସ୍ଥିତ ତିରୁପତି ବାଲାଜୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭାରମ୍ଭ କରିଛନ୍ତି । ଗୁରୁସ୍ୱାମୀ ସମ୍ପାନା ଚିନ୍ନା ସ୍ୱାମୀଙ୍କ ନେତୃତ୍ୱରେ ବ୍ରତଧାରୀ ମାନେ ଜୟପୁର ଠାରୁ ବିଶାଖପାଟଣା ଯାତ୍ରା କରିବା ସହିତ ସେଠାରେ ଆସନ୍ତା ୩୦ ତାରିଖରେ ପହଂଚିବା ସହିତ ମୁଖ୍ୟ ମନ୍ଦିରରେ ଭଗବାନ ଆୟାପ୍ପାଙ୍କୁ ଦର୍ଶନ ପରେ ସେଠାରେ ସେମାନଙ୍କ ବ୍ରତ ସମାପ୍ତ ହେବ । ସେଠାରୁ ଜୟପୁର ଫେରିବା ବେଳେ ଦକ୍ଷିଣ ଭାରତର ବିଭିନ୍ନ ଧର୍ମପୀଠରେ ଠାକୁର ମାନଙ୍କୁ ଦର୍ଶନ କରିବା ପରେ ଆସନ୍ତା ୫ମାସ ୫ ତାରିଖରେ ଜୟପୁର ଫେରିବା ଆସିବା ପରେ ସେମାନେ ଧାରଣ କରିଥିବା ମାଳ ଏଠାରେ ପୂଜାର୍ଚ୍ଚନା ସହିତ ବିସର୍ଜନ ରୀତିଅନୁଯାୟୀ କରିବେ ବୋଲି ମୁଖ୍ୟ ଗୁରୁସ୍ୱାମୀ ରାବାଣା ପ୍ରକାଶ କରିଛନ୍ତି ।

## କବାଡିଆଙ୍କ କବଜାରୁ ମୁକ୍ତ ହେଲା ବାଇପାସ ରାସ୍ତା

**କେନ୍ଦ୍ରାପଡା:** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ଠାରୁ କୋର୍ଟ ପର୍ଯ୍ୟନ୍ତ ବାଇପାସ ରାସ୍ତା ଦୀର୍ଘଦିନ ହେଲା କବାଡିଆ ଓ କ୍ଷୁଦ୍ର ବ୍ୟବସାୟୀଙ୍କ କବଜାରେ ଥିଲା । ଯାହା ଫଳରେ ଯାତାୟତ ରେ ଘୋର ଅସୁବିଧା ହେଉଥିଲା । ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବାଇପାସ ରାସ୍ତାକୁ ମୁକ୍ତ କରାଯାଇଛି । ପୂର୍ବତନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମୟରେ ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୬୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ସଂପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇ ଥିଲା । ମାତ୍ର କବାଡିଆ ମାନେ ପାଦଚଲା ରାସ୍ତା ଓ ବିଶ୍ରାମ ସ୍ଥଳୀ ଅଦିକୁ କବଜା କରି ଏଥିରେ ପୁରୁଣା ଗାଡି, ଜଳଖିଆ ଦୋକାନ, ଗ୍ୟାରେଜ କରି ସଂପୂର୍ଣ୍ଣ ଭାବେ ଏହାକୁ ଜବର ଦଖଲରେ ରଖି ବ୍ୟବସାୟ କରି ଆସୁଥିଲେ । ଏନେଇ ଜନ ସାଧାରଣ ଜିଲ୍ଲାପାଳଙ୍କ ପାଖରେ ବାରମ୍ବାର ଅଭିଯୋଗ କରି ଏହାକୁ ଜବର ଦଖଲ ମୁକ୍ତ ଓ ଚାଲିବା ପଇଁ ଉପଯୋଗୀ କରିଛନତି । ଏହି ଉଚ୍ଛେଦ ସମୟରେ ଏଲଆଇ ରମାକାନ୍ତ ବିଶ୍ୱାଳ, ଡିଏମଏମ ଜ୍ୟୋତି ରଂଜନ ରାଉତଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ରହି ଜବର ଦଖଲ ଉଚ୍ଛେଦ କରାଯାଇଛି ।

# ହଂକଂରେ ଅଗ୍ନିକାଣ୍ଡ ପରେ ଓଡ଼ିଶାରେ ଚିନ୍ତା

**ଭୁବନେଶ୍ୱର:** ହୁତୁହୁତୁ ହୋଇ ଜଳିଉଠିଲା ୮ ନଭଶ୍ଚୁମ୍ବୀ ଅଟ୍ଟାଳିକା । ଆଖି ପିଛୁଳାକେ ଜଳିପୋଡ଼ି ସବୁକିଛି ଅଙ୍ଗାର ହୋଇଗଲା । ଲିଭିଗଲା ୭୫ଜଣଙ୍କ ଜୀବନ ଦୀପ । ଆହତଙ୍କ ସଂଖ୍ୟା ହଜାରେ ଟପିଗଲାଣି । ହଂକଂରେ ଏଭଳି ଭୟଙ୍କର ଅଗ୍ନିକାଣ୍ଡ ପରେ ଏବେ ଓଡ଼ିଶାରେ ଚିନ୍ତା ବଢ଼ିଛି । କାହିଁକି ନା, ରାଜ୍ୟରେ ଅଧିକାଂଶ ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ । କେତେକ କୋଠାରେ ଅଗ୍ନି ନିରାପତ୍ତା ଯନ୍ତ୍ର ଖଣ୍ଡେ ଖଞ୍ଜାଯାଇନି । ଏମିତି ଢଙ୍ଗରେ ଅନେକ ଉଚ୍ଚ ବିଲ୍ଡିଂ ଓ ବ୍ୟାବସାୟିକ ପ୍ରତିଷ୍ଠାନ ଗଢ଼ାଯାଇଛି, ଯେଉଁଠିକି ଦମକଳ ପଶିବାକୁ ବାଟ ନାହିଁ । ଅଗ୍ନିଶମ ବାହିନୀର ଅନେକ ଚେତାବନୀ ସତ୍ତ୍ୱେ ନିରାପତ୍ତା ବ୍ୟବସ୍ଥା କରୁ ନାହାନ୍ତି ଆପାର୍ଟମେଣ୍ଟ ମାଲିକ ।

ବିଡିଏ ଓ ବିଏମ୍ସି ପକ୍ଷରୁ ରାଜଧାନୀରେ ପ୍ରାୟ ୨୨୦୦ରୁ ଅଧିକ ଆପାର୍ଟମେଣ୍ଟ ପାଇଁ ଅନୁମତି ମିଳିଛି । ବ୍ରହ୍ମପୁରରେ ୭୦୦ରୁ ୮୦୦, ସମ୍ବଲପୁରରେ ୪୦୦ରୁ ୫୦୦, ରାଉରକେଲାରେ ୫୦୦ରୁ ଅଧିକ ଆପାର୍ଟମେଣ୍ଟ ଥିବା । ସାରା ରାଜ୍ୟରେ ଅନୁମତିପ୍ରାପ୍ତ ୪ ହଜାର ଆପାର୍ଟମେଣ୍ଟ ଥିବା ଆକଳନ କରାଯାଇଛି । ଏହାବାଦ ହଜାର ହଜାର ଛୋଟମୋଟ ଆପାର୍ଟମେଣ୍ଟ ବେଆଇନ ଭାବେ ଗଢିଉଠିଛି । ଏସବୁ ବଡ଼ ବଡ଼ ବିଲ୍ଡିଂରେ ହଜାର ହଜାର ଅନ୍ତେବାସୀ ବିପଜ୍ଜନକ ସ୍ଥିତିରେ ଜୀବନ ବିତାଉଛନ୍ତି । ରିଅଲ୍ ଇଷ୍ଟେଟ୍ ବିଶେଷଜ୍ଞ ବିମଳେନ୍ଦୁ

**ଅଧିକାଂଶ କୋଠାରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା**

**ଚେତାବନୀ ସତ୍ତ୍ୱେ ନିରାପତ୍ତା ବ୍ୟବସ୍ଥା କରୁନାହାନ୍ତି ଆପାର୍ଟମେଣ୍ଟ ମାଲିକ**

ପ୍ରଧାନଙ୍କ କହିବା ମୁତାବକ, ହଂକଂରେ ଜଳିଥିବା ସବୁତକ ଆପାର୍ଟମେଣ୍ଟ ୩୫ ମହଲା ବିଶିଷ୍ଟ । ରାଜ୍ୟରେ ଏଭଳି ବିଲ୍ଡିଂ ପ୍ରାୟତଃ ନାହିଁ । ତଥାପି ଏଠି ୧୫ ମିଟର ଉଚ୍ଚତାରୁ କମ୍ ଓ ୧୫ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ଦୁଇପ୍ରକାର ଆପାର୍ଟମେଣ୍ଟ ରହିଛି । ୧୫ ମିଟର ଉପରକୁ ଅର୍ଥାତ୍ ୫



ତାଲାରୁ ଅଧିକ ଥିବା ବିଲ୍ଡିଂ ପାଇଁ ଅଗ୍ନିଶମ ଡିଜି ହିଁ ଫାୟାର ସାର୍ଟିଫିକେଟ ଦେଇପାରିବେ । ୧୦୪୬ଟି ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ପାଇଁ ଆବେଦନ କରାଯାଇଛି । ମାତ୍ର ୪୬୩ଟିକୁ ମିଳିସାରିଛି । ଅଧାରୁ ଅଧିକ ଆପାର୍ଟମେଣ୍ଟକୁ ଏଯାଏ ସାର୍ଟିଫିକେଟ ମିଳିନାହିଁ ।

୨୦୨୫ ଫେବୃଆରୀରେ ଅଗ୍ନିଶମ ବିଭାଗ ନିରାପତ୍ତା ଦୃଷ୍ଟିରୁ ଅଗ୍ନିଶମ ସାର୍ଟିଫିକେଟ୍ ପାଇଁ ପୁରୁଣା ନିୟମକୁ ବଦଳାଇଛନ୍ତି । ୨୦୧୭ ପୂର୍ବରୁ ନିର୍ମାଣ ହୋଇଥିବା ଉଚ୍ଚ ବିଲ୍ଡିଂ ମଧ ଅଗ୍ନି ନିରାପତ୍ତା ସାର୍ଟିଫିକେଟ ଦେବା ବାଧ୍ୟତାମୂଳକ କରାଯାଇଛି । ଅନେକ ଆପାର୍ଟମେଣ୍ଟ ମାଲିକ ଆବେଦନ କରିବାର ୬୦ ଦିନ ଭିତରେ ସାର୍ଟିଫିକେଟ୍ ଦେବା ନିୟମ ରହିଛି । କିନ୍ତୁ ଅଗ୍ନିଶମ ବାହିନୀର ବିଳମ୍ବ ଯୋଗୁ ଆପାର୍ଟମେଣ୍ଟଗୁଡ଼ିକ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ନିୟମ ରହିଛି, ଆପାର୍ଟମେଣ୍ଟ ନିର୍ମାଣ ପରେ ବିଡିଏ କିମ୍ବା ବିଏମ୍ସି ନିକଟରେ ଓସି(ଅକ୍ୟୁପାନ୍ସି ସାର୍ଟିଫିକେଟ) ଆବେଦନ କରିବା ପୂର୍ବରୁ ମାଲିକମାନେ ଅଗ୍ନିଶମ ସାର୍ଟିଫିକେଟ୍ ଆବେଦନପତ୍ରରେ ଯୋଡ଼ିବାକୁ ବାଧ । କିନ୍ତୁ ସରକାରୀ ଅଧିକାରୀମାନେ ହାତଗୁଞ୍ଜା ନେଇ ବିନା ଅଗ୍ନି ନିରାପତ୍ତାରେ ଓସି ଧରାଇଦେଇ ବିପଦକୁ ଡାକୁଛନ୍ତି ।

ଆବାସିକ ଆପାର୍ଟମେଣ୍ଟ ପାଇଁ ୫ବର୍ଷ, ବ୍ୟାବସାୟିକ ଉଚ୍ଚ ବିଲ୍ଡିଂ ପାଇଁ ୨ ବର୍ଷକୁ ଥରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନବୀକରଣ କରାଯିବା ନିୟମ ରହିଛି । କିନ୍ତୁ ଆପାର୍ଟମେଣ୍ଟ ମାଲିକ ଥରେ ପ୍ରମାଣପତ୍ର ହାତେଇଦେଲେ, ନବୀକରଣ କଥା ଭୁଲି ଯାଉଛନ୍ତି । ବିଗତ ଦିନରେ ବିଡିଏ ପକ୍ଷରୁ ନିଜସ୍ୱ ୬୮ଟି ଆପାର୍ଟମେଣ୍ଟ, ବ୍ୟାବସାୟିକ ପ୍ରତିଷ୍ଠାନ ତଥା ସଫି ମଲ୍ ନିର୍ମାଣ ହୋଇଛି । ଏସବୁ ବିଲ୍ଡିଂର ଅଗ୍ନି ନିରାପତ୍ତା ମଧ ଯାଞ୍ଚ ହେବା ଦରକାର । ଅଗ୍ନିଶମ ଅଧିକାରୀଙ୍କ କହିବା କଥା, ନିଆଁକୁ ସୁହାଉଛି ଦହନଶୀଳ ଇଣ୍ଟେରିୟର୍ । ପ୍ଲାଏ, ଆର୍କିଲିକ୍ ଓ ସନମାଇକା ଭଳି ଅନେକ ସାମଗ୍ରୀ ଫ୍ଲାଟ୍ରେ ଖଞ୍ଜାଯାଉଛି । ଏଗୁଡ଼ିକରେ ନିଆଁ ଲାଗିଲେ, ଆଖି ପିଛୁଳାକେ ନିଆଁ ଚତୁର୍ଦିଗକୁ ବ୍ୟାପିଯିବ । ଅଗ୍ନିକାଣ୍ଡକୁ ଆୟତ୍ତ କରିବା ବି କାଠିକର ପାଠ । ଘର ଡିଜାଇନ୍ କରିବା ବେଳେ ଦହନଶୀଳ ସାମଗ୍ରୀ ବ୍ୟବହାର ନ କରିବା ଭଲ।

# ବାରବାଟୀ ଟି-୨୦ ପାଇଁ ପ୍ରସ୍ତୁତି ଜୋରଦାର







## •୩ ହଜାର ସିଟ୍ କମିବ: ଓସିଏ
## •କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ପ୍ରସ୍ତୁତି ଜୋରଦାର

**କଟକ, ୨୮।୧୧:** ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ସିରିଜ୍ ଡିସେମ୍ବର ୯ରୁ ଆରମ୍ଭ ହେବ । ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ । ଏଥିପାଇଁ ଓଡିଶା କ୍ରିକେଟ୍ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି ।ତେବେ ଏଥର ଷ୍ଟାଡିୟମରେ ସିଟ୍ ସଂଖ୍ୟା କମିବ । ପାଖାପାଖି ୩ ହଜାର ସିଟ୍ କମୁଥିବା ଶୁକ୍ରବାର ସୂଚନା ଦେଇଛନ୍ତି ଓସିଏ ସଂପାଦକ ସଞ୍ଜୟ ବେହେରା ।

ସେ କହିଛନ୍ତି, ଶେଷ ଅନ୍ତର୍ଜାତୀୟ ମ୍ୟାଚରେ ବାରବାଟୀରେ ସିଟ୍ ଥିଲା ୪୪ ହଜାର ୫୦୦ ।ଏବେ ୩ ହଜାର ସିଟ୍ କମିବା ପରେ କାଉଣ୍ଟରେ କେତେ ଟିକେଟ୍ ବିକ୍ରି ହେବ ଏବଂ ପାସ୍ ପାଇଁ କେତେ ଟିକେଟ୍ ଦିଆଯିବ ସେ ନେଇ ଏ ଯାଏଁ ନିଷ୍ପତ୍ତି ହୋଇ ନ ଥିବା ସଂପାଦକ କହିଛନ୍ତି ।ଯେଉଁମାନେ ଷ୍ଟାଡିୟମରେ ବସି ଖେଳ ଦେଖିବାରୁ ବଞ୍ଚିତ ହେବେ ସେମାନଙ୍କ ପାଇଁ ଷ୍ଟାଡିୟମ ବାହାରେ ବଡ ଏଲଇଡି ସ୍କ୍ରିନର ବ୍ୟବସ୍ଥା କରାଯିବ ।

ଏହା ବାଦ୍ ଯେମିତି ମ୍ୟାଚରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେ ନେଇ ସତର୍କ ଓସିଏ ।କାରଣ ଚଳିତ ବର୍ଷ ଫେବୃଆରୀ ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳା ଯାଇଥିବା ଦିନିକିଆରେ ଫ୍ଲଡଲାଇଟ ବନ୍ଦ ହୋଇ ଯାଇଥିଲା । ତେଣୁ ଏଥର ଯେମିତି ଫ୍ଲଡଲାଇଟ ବନ୍ଦ ହେବ ସେଥିପାଇଁ ବାରବାଟୀ ଷ୍ଟାଡିୟମରେ ଲାଗିବ ୧୮ଟି ଡିଜି ।ଏହା ସହିତ ନୂଆଢଙ୍ଗରେ ଫ୍ଲଡଲାଇଟ୍ ଲଗାଯାଉଛି । ଦର୍ଶକଙ୍କ ସୁରକ୍ଷା ପାଇଁ ଗ୍ୟାଲେରୀ ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ।

ସୂଚନାଯୋଗ୍ୟ, ଭାରତ ବାରବାଟୀରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳି ସାରିଛି ।ଆଉ ଏହି ଦୁଇଟି ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳା ଯାଇଥିଲା ।ଆଉ ତୃତୀୟ ଟି-୨୦ ସେହି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ ଭାରତ ।ଆସନ୍ତା ଡିସେମ୍ବର ୯ରେ କଟକ ବାରବାଟୀରେ ହେବ ମହାମୁକାବିଲା ।ପ୍ରଥମ ଟି-ଟ୍ୱେଣ୍ଟିରେ ମୁହାଁମୁହିଁ ହେବେ ଭାରତ-ଦକ୍ଷିଣ ଆଫ୍ରିକା । ପୂର୍ବ ରେକର୍ଡ ଉପରେ ନଜର ପକାଇଲେ ବାରବାଟୀରେ ଏଯାବତ୍ ମୋଟ ୩ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଛି ଭାରତ ।ସେଥିମଧ୍ୟରୁ ୨ଟି ଦକ୍ଷିଣ ଆଫ୍ରିକା ବିପକ୍ଷରେ, ଆଉ ଗୋଟିଏ ଶ୍ରୀଲଙ୍କା ବିପକ୍ଷରେ ।ମୋଟ ୩ଟି ମ୍ୟାଚରୁ ଭାରତ ଗୋଟିଏ ଜିତିଥିବା ବେଳେ ୨ଟିରେ ପରାସ୍ତ ହୋଇଛି ।ବଡ଼କଥା ହେଉଛି ଦୁଇଟି ଯାକ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଠାରୁ ହାରିଛି ଟିମ୍ ଇଣ୍ଡିଆ। ଏବେ ଉଭୟ ଟିମ୍ ତୃତୀୟ ଥର ଲାଗି ଟି-ଟ୍ୱେଣ୍ଟି ମ୍ୟାଚରେ ବାରବାଟୀରେ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ପୂର୍ବ ପରାଜୟର ବଦଳା ନେବା ଲକ୍ଷ୍ୟରେ ରହିବ ଟିମ୍ ଇଣ୍ଡିଆ।

# ହିଟମ୍ୟାନଙ୍କ ସହ କିଏ କରିବେ ଓପନିଂ ?

## ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍
## ଜୟସ୍ୱାଲ ଓ ଋତୁରାଜଙ୍କ ଭିତରୁ ଜଣଙ୍କୁ ସୁଯୋଗ



**ନୂଆଦିଲ୍ଲୀ, ୨୮।୧୧:** ନଭେମ୍ବର ୩୦ରୁ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ ସିରିଜ୍ ଆରମ୍ଭ ହେବ । ଟେଷ୍ଟ୍ ସିରିଜ ପରାସ୍ତ ହେଲା ପରେ ଭାରତ ଏବେ ଦିନିକିଆରେ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିବ ।ସବୁଠାରୁ ବଡ କଥା ହେଲା ଯେ ମୁକାବିଲାରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଦେଖିବାକୁ ମିଳିବେ ।ତେଣୁ ଭାରତର ବ୍ୟାଟିଂ ଲାଇନ୍ ଅପ୍ ଶକ୍ତିଶାଳୀ ରହିଛି । ମୁକାବିଲାରେ ଭାରତ ପାଇଁ ଓପନିଂ କରିବେ ରୋହିତ ଶର୍ମା । ଶୁଭମନ ଗିଲ୍ ଦଳରୁ ବାହାରେ ଥିବାରୁ ତାଙ୍କ ଜାଗାରେ କିଏ ଓପନିଂ କରିବ ତାହା ପାଲଟିଛି ମୁଣ୍ଡବିନ୍ଧାର କାରଣ । ଟିମ୍ ପାଖରେ ଏବେ ଯଶସ୍ୱୀ ଜୟସ୍ୱାଲ ଏବଂ ଋତୁରାଜ ଗାଏକୱାଡ ଭାବେ ଦୁଇ ଜଣ ଓପନର ରହିଛନ୍ତି ।

ଦିନିକିଆ ଦଳରେ ଭାରତୀୟ ଟିମରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ ।ଦଳର ନେତୃତ୍ୱ ନେବେ କେଏଲ ରାହୁଲ ।ହେଲେ ସେ ରୋହିତଙ୍କ ସହ କାହାକୁ ଓପନିଂ ପାଇଁ ପଠାଇବେ ତାହା ଏବେସୁଦ୍ଧା ସ୍ପଷ୍ଟ ହୋଇନାହିଁ । ହେଲେ ଜୟସ୍ୱାଲ ଏବଂ ଋତୁରାଜଙ୍କ ମଧ୍ୟରୁ ଜଣଙ୍କୁ ବାଛିବା ଦଳ ପାଇଁ ସହଜ ହେବନି । କେଏଲ ପୂର୍ବରୁ ନିଜେ ଓପନିଂ କରିଛନ୍ତି ।କିନ୍ତୁ ଦୀର୍ଘଦିନ ହେବ ସେ ୫ କିମ୍ବା ୬ ନମ୍ବରରେ ବ୍ୟାଟିଂ କରୁଛନ୍ତି । ସେ ମିଡିଲ ଅର୍ଡରରେ ଖେଳିବାନେଇ ଅଧିକ ସମ୍ଭାବନା ରହିଛି ।

ଦେଖିବାକୁ ଗଲେ ଯଶସ୍ୱୀ କେବଳ ଗୋଟିଏ ଦିନିକିଆ ମ୍ୟାଚ୍ ଖେଳିଛନ୍ତି ।ଯାହା ଗତ ଫେବ୍ରୁଆରୀରେ ନାଗପୁରରେ ଖେଳାଯାଇଥିଲା ।ମୁକାବିଲାରେ ସେ ମାତ୍ର ୧୫ ରନ୍ କରିଥିଲା ।ଅନେକ ସିରିଜରେ ସେ ବ୍ୟାକଅପ୍ ଓପନର ଭାବେ ଦଳରେ ସାମିଲ ହୋଇଥିଲେ ବି ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବାରେ ସକ୍ଷମ ହୋଇନାହାନ୍ତି । ଅନ୍ୟ ଦିଗରେ ଋତୁରାଜ ୬ଟି ଦିନିକିଆ ଖେଳିଛନ୍ତି ।୪ଟିରେ ସେ ଓପନିଂ କରିଛନ୍ତି । ଯେଉଁଥିରେ ଗୋଟିଏ ଅର୍ଦ୍ଧଶତକ ସାମିଲ ଅଛି ।ଲିଷ୍ଟ୍ ଏ ମ୍ୟାଚରେ ଋତୁରାଜ ୮୯ଟି ମୁକାବିଲା ଖେଳଛନ୍ତି । ଏଥିରେ ସେ ୫୭.୩୯ ଆଭରେଜରେ ୪୫୩୪ ରନ୍ କରିଛନ୍ତି ।ଯେଉଁଥିରେ ୧୭ଟି ଶତକ ଏବଂ ଅର୍ଦ୍ଧଶତକ ରହିଛି ।ଭାରତୀୟ-ଏ ପାଇଁ ମଧ ସେ ଓପନିଂ କରିଛନ୍ତି ।ଅନ୍ୟଦିଗରେ ଯଶସ୍ୱୀ ୩୩ଟି ଲିଷ୍ଟ୍ ଏ ମୁକାବିଲାରେ ୫୨.୬୨ ଆଭରେଜରେ ୧୫୨୬ ରନ୍ କରିଛନ୍ତି ।

ଉଭୟ ଖେଳାଳି ଭଲ ଫର୍ମରେ ଥିଲେ ବି କେବଳ ଜଣଙ୍କୁ ଦଳରେ ସ୍ଥାନ ମିଳିପାରେ । ଯିଏ ବି ସ୍ଥାନ ପାଇବ ସେ ରୋହିତଙ୍କ ସହ ଓପନିଂ କରିବ । ତେବେ ରୋହିତଙ୍କ ନୂଆ ଓପନିଂ ପାର୍ଟନର କିଏ ହେବେ ତାହା କେଏଲ ରାହୁଲ ଏବଂ କୋଚ ଗୌତମ ଗମ୍ଭୀର କହିପାରିବେ ।

# ୩୦ରୁ ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ

## ଭାଗନେବେ ୪୦୦ରୁ ଅଧିକ ଖେଳାଳି



**ଭୁବନେଶ୍ୱର, ୨୮।୧୧:** ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍ ଆନୁକୂଲ୍ୟରେ ଏବଂ ଇଣ୍ଡିଆନ ଗେଟ୍ ବଲର ମିଳିତ ସହଯୋଗରେ ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ଣ୍ଣାମେଣ୍ଟ ୨୦୨୫ ହେବାକୁ ଯାଉଛି । ଆଇକନିକ୍ ସ୍ପୋର୍ଟ୍ସ ଫେଡେରେସନ୍, ଇଣ୍ଡିଆନ୍ ଗେଟବଲ୍ ୟୁନିଅନ୍ ମିଳିତ ଭାବରେ, ଆସନ୍ତା ୩୦ ନଭେମ୍ବରରୁ ୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଆଇକନିକ୍ ଇଣ୍ଡିଆନ୍ ଇଣ୍ଟରନ୍ୟାସନାଲ୍ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ ୨୦୨୫ର ଘୋଷଣା କରିଛନ୍ତି।

ଏହି ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଜାପାନ, ଥାଇଲ୍ୟାଣ୍ଡ, ଇଣ୍ଡୋନେସିଆ ଏବଂ ତାଇୱାନ ପରି ଚାରୋଟି ବିଶ୍ୱସ୍ତରୀୟ ଦଳ ସହିତ ଭାରତର ୧୮ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ । ଯେଉଁଥିରେ ୪୦୦ରୁ ଅଧିକ ଖେଳାଳି, ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଏକତ୍ରିତ ହେବେ। ଖେଳାଳିମାନେ କ୍ଲାସିକ୍ ଏବଂ ଡବଲ୍ସ ଉଭୟ ବର୍ଗରେ ପ୍ରତିଯୋଗିତାରେ ଭାଗ ନେବେ।

ଆଇଏସଏଫ କେନ୍ଦୁଝରର ନାଇବୁଗା ଲୁହା ଏବଂ ମାଙ୍ଗାନିଜ୍ ଖଣିର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ତାରିଣୀ ପ୍ରସାଦ ମହାନ୍ତିଙ୍କୁ ଆୟୋଜନ କମିଟିର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛି ।ଉମାକାନ୍ତ ଜେନାଙ୍କୁ କାର୍ଯ୍ୟକାରୀ ସେକ୍ରେଟାରୀ ଭାବେ ନିଯୁକ୍ତି କରାଯାଇଛି । ଏହି ସମ୍ମାନଜନକ ଭୂମିକା ଓଡ଼ିଶାରେ କ୍ରୀଡା ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଦେଉଛି । କାର୍ଯ୍ୟକ୍ରମରେ ମାଣ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଶ୍ରୀ ତାରିଣୀ ପ୍ରସାଦ ମହାନ୍ତି (ଚେୟାରମ୍ୟାନ୍, ଆଇକନିକ୍ ଇଣ୍ଡିଆ ଆନ୍ତର୍ଜାତୀୟ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ), ଆଇଏସଏଫର ନିର୍ଦ୍ଦେଶିକା ଡକ୍ଟର ଚିଦାତ୍ମିକା ଖଟୁଆ, ଏସିଆ ପାସିଫିକ୍ ଗେଟବଲ୍ ୟୁନିଅନର ସଭାପତି ଦିପାୟନ ପଟ୍ଟନାୟକ, ଆଇଜିୟୁର ସଭାପତି ଡକ୍ଟର ଉମାକାନ୍ତ ପାଣି, ଆଇଏସ୍ଏଫର ନିର୍ଦ୍ଦେଶକ ଡକ୍ଟର ସଞ୍ଜୟ ଚୌଧୁରୀ, ଆଇଏସ୍ଏଫର ଅନ୍ୟତମ ନିର୍ଦ୍ଦେଶକ ଡକ୍ଟର ଶେଖ ଅବଦୁଲ ସମିମ୍, ଆଇଏସ୍ଏଫର ରାଜ୍ୟ ସମ୍ପାଦକ ଶ୍ରୀ ସଞ୍ଜୟ ଦାସ ଉପସ୍ଥିତ ରହିଥିଲେ ।

# ମହାତ୍ମାଗାନ୍ଧୀ ଇଣ୍ଟର ନେସନାଲ ପବ୍ଲିକ ସ୍କୁଲରେ ଏକାଦଶ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ



**ରାୟଗଡା, ୨୮।୧୧ (ମାନିସ):** ରାୟଗଡା ଜିଲ୍ଲା ଗୁଣପୁର ରାମେଶ୍ୱର ନଗର ସ୍ଥିତ ସ୍ଥାନୀୟ ମହାତ୍ମାଗାନ୍ଧୀ ଇଣ୍ଟର ନେସନାଲ ପବ୍ଲିକ ସ୍କୁଲରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି ।ପ୍ରଥମେ ଶିକ୍ଷୟତ୍ରୀ ଜୟଶ୍ରୀ ପାଣିଗ୍ରାହୀ ନିମନ୍ତ୍ରିତ ଅତିଥି ଓ ସଦସ୍ୟ ଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରିତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଏହି କ୍ରୀଡା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ସହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଶ୍ରୀ ଶଙ୍କର୍ଷଣ ମହାନ୍ତି କ୍ରୀଡା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ ଏବଂକ୍ତ ପିଲାଙ୍କୁ ଜୀବନ ରେ କ୍ରୀଡାର ମହତ୍ୱ ଓ ଦୈନନ୍ଦିନ ଜୀବନ ରେ ଖେଳ କୁଦ ଦ୍ୱାରା ଶରୀର ରେ କିପରି ମାନସିକ ସ୍ଥିତି ର ବିକାଶ ହୋଇପାରିବ ତାହା ପିଲାଙ୍କୁ କହିବା ସହ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ର ସଭାପତି ବ୍ରଜ ସୁନ୍ଦର ପାଢ଼ୀ, ଉପସଭାପତି ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ନିର୍ଦ୍ଦେଶକ ଲୋକନାଥ ମିଶ୍ର ଏହି କ୍ରୀଡ଼ା ଉତ୍ସବରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଖେଳିବା ପାଇଁ ଉତ୍ସାହିତ କରିଥିଲେ । ଏହି କ୍ରୀଡା ଉତ୍ସବ ୩ ଦିନ ଧରି ସ୍ଥାନୀୟ ମିନି ଷ୍ଟାଡିଅମ ଠାରେ ଚାଲିବ । ନର୍ସରୀ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ହର୍ଷ ଓ ଉଲ୍ଲାସର ସହ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ, ଖେଳକୁଦ ମାଧ୍ୟମରେ ନିଜର ପାରଦର୍ଶିତା ପାଇଁ ଜାତୀୟ ସ୍ତରରେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣି ପାରିବ ଏବଂ କ୍ରୀଡା ମାଧ୍ୟମ ରେ ଛାତ୍ର ଛାତ୍ରୀଙ୍କ ଭିତରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ଓ ବିଦ୍ୟାଳୟ ହିଁ ଏହାର ପ୍ରମୁଖ ସ୍ଥାନ ଅଟେ। ସେହିପରି ବିଦ୍ୟାଳୟର ସମ୍ପାଦକ ରାଜେଶ କୁମାର ପଣ୍ଡା କହିଥିଲେ ଖେଳ ସହିତ ଆଉ ସମସ୍ତ ସୃଜନଶୀଳ କାର୍ଯ୍ୟରେ ନିଜର ପ୍ରତିଭା ବିକାଶ କଲେ ତୁମେ ଭଲ ଛାତ୍ର ହୋଇ ପାରିବ ।ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟ ର ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପରିଚାଳନା କରିଥିଲେ । ବିଦ୍ୟାଳୟର ମେନଜମେଣ୍ଟ ସଦସ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଶେଷରେ ଶିକ୍ଷୟତ୍ରୀ ଜୟଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତ-ଦ.ଆଫ୍ରିକା ଦିନିକିଆ ପୂର୍ବରୁ ଏମ୍ଏସଡିଙ୍କ ଘରେ ଡିନର୍ ପାର୍ଟି

# କୋହଲିଙ୍କୁ ହୋଟେଲ ଛାଡିବାକୁ ଗଲେ ଧୋନୀ



**ନୂଆଦିଲ୍ଲୀ,୨୮।୧୧÷** ଟେଷ୍ଟ ପରେ ପୁରୁଷ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ ।ପ୍ରଥମ ମ୍ୟାଚ ରାଞ୍ଚିରେ ଖେଳାଯିବ । ଏହି ମ୍ୟାଚ ପାଇଁ ରୋହିତ ଶର୍ମା ଏବଂ ବିରାଟ କୋହଲି ରାଞ୍ଚିରେ ପହଞ୍ଚି ସାରିଛନ୍ତି ।ସମସ୍ତେ ଜାଣିଛେ ରାଞ୍ଚି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀଙ୍କ ହୋମ୍ ଟାଉନ୍ ।ଧୋନୀ ବିରାଟ କୋହଲି, ରିଷଭ ପନ୍ତଙ୍କ ପରି ଖେଳାଳିଙ୍କ ପାଇଁ ତାଙ୍କ ଘରେ ଡିନର୍ ପାର୍ଟି ରଖିଥିଲେ ।ମୈଦାନ ବାହାରେ ହେଉ ପଛେ ଫ୍ୟାନ୍ସ ପୁଣି ଥରେ ବିରାଟ ଏବଂ ଧୋନୀଙ୍କ ରୂପରେ ଜୟ-ବୀରୁଙ୍କ ଦେଖିବାକୁ ପାଇଛନ୍ତି ।

ଧୋନୀ ତାଙ୍କ ଘରେ ଡିନର ପାର୍ଟି ହୋଷ୍ଟ କରିବା ପରେ ବିରାଟ କୋହିଲଙ୍କୁ ନିଜେ ଗାଡ ଚଲାଇ ହୋଟେଲ ଛାଡିବାକୁ ଯାଇଥିଲେ । ଏହି ସମୟର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଫ୍ୟାନ୍ସ ଏହି ଭିଡିଓ ଖୁବ୍ ପସନ୍ଦ କରୁଛନ୍ତି । ବିରାଟ କୋହଲି ତାଙ୍କ କ୍ୟାରିୟରର ଆରମ୍ଭ ଏମଏସ୍ ଧୋନୀଙ୍କ କ୍ୟାପଟ୍ଟେନ୍ସିରେ କରିଥିଲେ । କୋହଲିଙ୍କୁ କ୍ୟାପଟ୍ଟେନ୍ କରିବାରେ ମଧ ଧୋନୀଙ୍କର ଭୂମିକା ରହିଛି । ଧୋନୀ ଅଧିନାୟକତ୍ୱ ଛାଡିବା ପରେ ସବୁ ଫର୍ମାଟରେ ଟିମ୍ ଇଣ୍ଡିଆର କମାଣ ସମ୍ଭାଳିଥିଲେ ବିରାଟ କୋହଲି । ଭାରତୀୟ କ୍ରିକେଟରୁ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇଥିଲେ ବିରାଟ ।୨୦୨୦ ଅଗଷ୍ଟ ୧୫ରେ ଧୋନୀ ଇଣ୍ଟରନ୍ୟାସନାଲ କ୍ରିକେଟକୁ ଅଲଗିଦା କହିଥିଲେ ।ଏବେ ସେ କେବଳ ଆଇପିଏଲ ଖେଳୁଛନ୍ତି ।ସେହିପରି ବିରାଟ କୋହଲି ଟେଷ୍ଟ ଏବଂ ଟି-ଟ୍ୱେଣ୍ଟି କ୍ରିକେଟରୁ ସନ୍ନ୍ୟାସ ନେଇ ସାରିଛନ୍ତି ।ସେ କେବଳ ଦିନିକିଆ ଖେଳୁଛନ୍ତି । ବୁଧବାର ଲଣ୍ଡନରୁ ରାଞ୍ଚିରେ ପହଞ୍ଚିଥିଲେ କୋହଲି । ଗୁରୁବାର ଧୋନୀଙ୍କ ଘରେ ଡିନର ପାର୍ଟିରେ ସାମିଲ ହୋଇଥିଲେ । ଦୀର୍ଘ ଦିନ ପରେ ବିରାଟ-ଧୋନୀଙ୍କୁ ଏକାଠି ଦେଖି ଫ୍ୟାନ୍ସ ଖୁସିବ୍ୟକ୍ତ କରିଛନ୍ତି ଏବଂ ରିୟୁନିୟନ ଅଫ୍ ଦି ଇୟର ବୋଲି କହିଛନ୍ତି ।

କହି ରଖୁଛୁ କି, ଭାରତ ରାଞ୍ଚିରେ ୨୦୨୪ରେ ତାର ଶେଷ ଇଣ୍ଟରନ୍ୟାସନାଲ ମ୍ୟାଚ ଖେଳିଥିଲା ।ଇଂଲଣ୍ଡ ବିପକ୍ଷରେ ଚତୁର୍ଥ ଟେଷ୍ଟ ରାଞ୍ଚିରେ ଖେଳାଯାଇଥିଲା । ବିରାଟ କୋହଲି ଉକ୍ତ ମ୍ୟାଚରେ ଖେଳିନଥିଲେ । କାରଣ ଦ୍ୱିତୀୟ ସନ୍ତାନଙ୍କ ଜନ୍ମ ପାଇଁ ସେ ପୁରା ସିରିଜରେ ଉପଲବ୍ଧ ନଥିଲେ ।

# ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ, ଫେନସିଂ ଓ ଥାଙ୍ଗ ଟା ପ୍ରତିଯୋଗିତା

**ବଲାଙ୍ଗିର, ୨୮।୧୧:** ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ୬୯ତମ ରାଜ୍ୟସ୍ତରୀୟ ସ୍କୁଲ ସମୂହ ଫୁଟବଲ,ଫେନସିଂ ଓ ଥାଙ୍ଗ ଟା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି ।ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇଶଲୱାରଙ୍କ ସଭାପତିତ୍ୱ ରେ ଆୟୋଜିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ,ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡ଼ା, ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ.ଶ୍ରୀକର ମିଶ୍ର, ବଲାଙ୍ଗୀର ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ରାଜ୍ୟ ଫେନସିଂ ସଂଘ ଯୁଗ୍ମ ସଂପାଦକ ସୁମିତ କୁମାର ପୁରୋହିତ,ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୁଣନିଧି ମଲ୍ଲିକ, ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

# ପ୍ରାଇଜ୍ ମନି ନମିଳିଲେ ଓଡ଼ିଶା ଛାଡ଼ିବି: ପ୍ରମୋଦ ଭଗତ

## ନିୟମକୁ ନେଇ ଅସନ୍ତୋଷ ଝାଡ଼ିଲେ ପାରା ଅଲିମ୍ପିଆନ



**ଭୁବନେଶ୍ୱର, ୨୮।୧୧:** ପାରା ଅଲିମ୍ପିଆନ ତଥା ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ଭଗତ ଅସନ୍ତୁଷ୍ଟ ।ସେ ଏବେ ଆଉ ଓଡ଼ିଶାରୁ ଖେଳିବେ ନାହିଁ ବୋଲି ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି । ଭିନ୍ନକ୍ଷମ ବ୍ୟାଡମିଣ୍ଟନରେ ଦେଶ ଏବଂ ଅନ୍ତର୍ଜାତିକ ସ୍ତରରେ ଗୋଲ୍ଡ ମେଡାଲ ଜିତି ପ୍ରମୋଦ ଭଗତ ରାଜ୍ୟ ପାଇଁ ଗୌରବ ଆଣିଥିଲେ । ରାଜ୍ୟ ସରକାରଙ୍କଠାରୁ ସେ ପାଇଥିବା ପୁରସ୍କାର ରାଶି ୯ କୋଟି ଟପିସାରିଛି । ନିୟମ ଅନୁସାରେ ଏଣିକି ପଦକ ଜିତିଲେ ମଧ ସରକାରଙ୍କ ତରଫରୁ କୌଣସି ଆର୍ଥିକ ସହାୟତା ପାଇ ପାରିବେ ନାହିଁ । ପ୍ରମୋଦ ଏହି ପୁରସ୍କାର ନିୟମ ବଦଳାଇବାକୁ ଅନୁରୋଧ କରିଛନ୍ତି ।ନହେଲେ ସେ ରାଜ୍ୟ ଛାଡ଼ିବା ପାଇଁ ଚେତାବନୀ ଦେଇଛନ୍ତି ।

ରାଜ୍ୟ ଛାଡିବେ ପଦ୍ମଶ୍ରୀ ପ୍ରମୋଦ ଭଗତ । ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ୬ଥର ବିଶ୍ୱ ଚାମ୍ପିୟାନ, ପାରା ଅଲିମ୍ପିକରେ ଗୋଲଡ ମେଡାଲିଷ୍ଟ ଓ ୨ଥର ଏସିଆନ ପାରା ବ୍ୟାଡମିଣ୍ଟନ ଚାମ୍ପିୟନ ହୋଇଛନ୍ତି ।ଅନେକ ଟୁର ଇଭେଣ୍ଟ ସିଙ୍ଗଲ୍ସ ଓ ଡବଲ୍ସରେ ରାଜ୍ୟ ଓ ଦେଶ ପାଇଁ ଆଣିଛନ୍ତି ଗୌରବ ।କିନ୍ତୁ ଏବେ ସେ ରାଜ୍ୟ ଛାଡିବା ପାଇଁ ଚିନ୍ତା କରୁଛନ୍ତି । ରାଜ୍ୟ ସରକାରଙ୍କ ନିୟମ ଅନୁସାରେ କୌଣସି ଖେଳାଳି ବିଶ୍ୱ ଚାମ୍ପିୟନଶିପ କିମ୍ବା ଅଲିମ୍ପିକ୍ସ କିମ୍ବା ଏସିଆନ ଚାମ୍ପିଅନଶିପ୍ରେ ମେଡାଲ ଜିତିଲେ ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ ।ତେବେ ଜଣେ ଖେଳାଳି ଅତି ବେଶିରେ ୯ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରାଇଜ ମନି ପାଇପରିବେ । ପ୍ରମୋଦ ଭଗତ ଏକାଧିକ ବାର ମେଡାଲ ଜିତିଥିବା ବେଳେ ରାଜ୍ୟ ସରକାରଙ୍କ ଠାରୁ ୯ କୋଟି ଟଙ୍କାର ପ୍ରାଇଜ ମନି ପାଇସାରିଲେଣି ।ତେଣୁ ନିୟମ ଅନୁସାରେ ସେ ଏବେ ଆନ୍ତର୍ଜାତିକ ମେଡାଲ ଜିତିଲେ ମଧ ପ୍ରାଇଜ ମନି ପାଇବେନି ବା ପାଉନାହାନ୍ତି । ତେଣୁ ଏହି ନିୟମ ବଦଳାଇବାକୁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ବାରମ୍ବାର କ୍ରୀଡା ମନ୍ତ୍ରୀଙ୍କୁ ଭେଟିଛନ୍ତି । କିନ୍ତୁ ସରକାର ଏହା ଉପରେ କୌଣସି ଗୁରୁତ୍ୱ ଦେଇ ନାହାନ୍ତି । ତେଣୁ ଏବେ ସେ ରାଜ୍ୟ ଛାଡିବେ ବୋଲି ଚେତାବନୀ ଦେଇଛନ୍ତି। କହିଛନ୍ତି ଯଦି ରାଜ୍ୟ ପାଇଁ ଆମେ ସଫଳତା ଆଣିବୁ ଓ ବିଶ୍ୱ ଚାମ୍ପିୟନଶିପରେ ମେଡାଲ ଆଣିବୁ ତା ପରେ ଯଦି କେ ?ଣସି ପ୍ରୋତ୍ସାହନ ରାଶି ନମିଳିବ ତେବେ ଆମେ ରାଜ୍ୟ ପାଇଁ କାହିଁକି ଖେଳିବୁ ବୋଲି ପ୍ରଶ୍ନ କରିଛନ୍ତି । ୨ ବର୍ଷ ପାଇଁ ବ୍ୟାନ ହୋଇଥିଲେ ପ୍ରମୋଦ ଭଗତ । ତେବେ ସେପେଟେମ୍ବର ପ୍ରଥମ ସପ୍ତାହରେ ତାଙ୍କ ଉପରୁ ବ୍ୟାନ ହଟିବା ପରେ ସେ ମଇଦାନକୁ ଫେରିଥିଲେ । ଏହାପରେ ସେ ୧୦ଟି ଗୋଲଡ ସିଙ୍ଗଲ୍ସ ଓ ଡବଲ୍ସ ମେଡାଲ ହାସଲ କରିସାରିଲେଣି । ପୁଣି ଥରେ ସେ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିସିପ ପାଇଁ କ୍ୱାଲିଫାଏ କରିଛନ୍ତି ।ତେଣୁ ଏଥର ସେ ଜିତିଲେ ବି ରାଜ୍ୟ ସରକାର ତାଙ୍କୁ ପ୍ରାଇଜ ମନି ଦେବେନି ।ତେଣୁ ସେ ନିୟମ ବଦଳାଇବାକୁ ଚିଠି ଲେଖିଛନ୍ତି । କିନ୍ତୁ ଏ ନେଇ ରାଜ୍ୟ ସରକାର ଅଭିଯୋଗ ପାଇନାହାନ୍ତି ବୋଲି କାହିଛନ୍ତି କ୍ରୀଡ଼ା ନିର୍ଦ୍ଦେଶକ ।

# କୁଚ୍ ବିହାରର ଟ୍ରଫିରେ ଭଦ୍ରକରୁ ସ୍ୱୟଂମ୍ଭୁ

**ଭଦ୍ରକ, ୨୮।୧୧:** ଜାତୀୟ ସ୍ତରୀୟ ୧୯ ବର୍ଷରୁ କମ୍ ବାଳକ କ୍ରିକେଟ୍ କୁଚ୍ ବିହାର ଟ୍ରଫି ପ୍ରତିଯୋଗିତା ନିମନ୍ତେ ଓଡିଶା ଦଳରେ ଭଦ୍ରକ ରୁ ସ୍ୱୟଂମ୍ଭୁ ପଲାଇ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ଟି ଉତରାଖଣ୍ଡ ର କାଶୀପୁର ରେ ୧ ଡିସେମ୍ବର ରୁ ଆରମ୍ଭ ହେବ। ଏଥି ନିମନ୍ତେ ଓଡିଶା କ୍ରିକେଟ ଆଶୋସିଏସନ୍ ତାର ଖେଳାଳୀ ଙ୍କ ନାମ ଘୋଷଣା କରିଛି ।ତାଙ୍କର ଏହି ସଫଳତା ପାଇଁ ଭଦ୍ରକ ଜିଲ୍ଲା କ୍ରିକେଟ ସଂଘ ର ସଂପାଦକ ଧିରେନ୍ ପଲାଇ, କୋଷାଧ୍ୟକ୍ଷ ବ୍ୟୋମୋକେଶ ସେନାପତି, ଉପସଭାପତି ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନା ଓ ଉପ ସାଧାରଣ ସଂପାଦକ ବିଜୟ ଲଖାନୀ ଓ ସୁଦାମ୍ ନାୟକ, ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ୍ ପ୍ରମୁଖ ଶୁଭେଚ୍ଛା ।ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚ କୋଟୀର ଭଲ ଖେଳ ପ୍ରଦର୍ଶନ କରିବେ ତାଙ୍କର ଶୁଭ ମନାସିଛନ୍ତି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar